Weekly Multilingual
ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
RNI Regd. No. :ODIMUL/2023/89182 Rs - 5.00
ଭାଗ:୨, ସଂଖ୍ୟା: ୧୬, ଭୁବନେଶ୍ୱର, ମାର୍ଚ୍ଚ ୦୩- ୦୯, ୨୦୨୫, Vol: 2, Issue: 16, Bhubaneswar, March 03-09, 2025 Pages- 8

# ସ୍ୱର୍ଗଦ୍ୱାରରେ ନର୍କ ଯନ୍ତ୍ରଣା

***ସ୍ୱର୍ଗଦ୍ୱାର ହେଉ କି, ଗାଁ ମଶାଣୀ... ତାହା ଆମ ସଭିଙ୍କର ଶେଷ ଠିକଣା। ତେଣିକି ସେ ନାରୀ ହେଉ କି ପୁରୁଷ; ଶିକ୍ଷିତ ହେଉ କି ଅଶିକ୍ଷିତ; ଧନୀ ହେଉ କି ଗରିବ; ଦାନୀ ହେଉ କି କୃପଣ; କିଛି ଯା ଆସ ନାହିଁ, ସେଠିକି(ମଶାଣି) ଯିବାଟା ହିଁ ଥୟ। ମିଛ ମାୟା ଭରା ସଂସାରରେ ଗୋଟିଏ ସତ, ମୃତ୍ୟୁ। ସ୍ୱର୍ଗଦ୍ୱାରରେ ସଂସ୍କାର ହେଲେ ମୋକ୍ଷ ମିଳେ ବୋଲି କୁହନ୍ତି। ମୃତ୍ୟୁ ପରେ ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର ବ୍ୟବସ୍ଥା ଓ ଅବ୍ୟବସ୍ଥାକୁ ନେଇ ଆମ ପୁରୀ ଜିଲ୍ଲା ପ୍ରତିନିଧି ଡଃ ରଶ୍ମି ରଞ୍ଜନ ମହାରଥାଙ୍କ ପ୍ରସ୍ତୁତ ଆଲେଖ୍ୟ...***

ଆତ୍ମାର ସଦ୍‌ଗତି ଆଶାରେ ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାରରେ ଶବ ଦାହ ପାଇଁ କେବଳ ଓଡ଼ିଶା ନୁହେଁ ବରଂ ଓଡ଼ିଶା ବାହାରରୁ ବି ଆତ୍ମୀୟ ସ୍ୱଜନ ମାନେ ମର ଶରୀରକୁ ଆଣି ସ୍ୱର୍ଗ ଦ୍ୱାରରେ ଦାହ କରାଇଥାନ୍ତି। ମାତ୍ର ସେଠାରେ



ସ୍ୱର୍ଗଦ୍ୱାର ରାସ୍ତା କଡରେ ପାର୍କିଂ କରିଥିବା ଗାଡିକୁ ପ୍ରଶାସନ ଉଠାଇ ନେଉଛି

ପହଁଚିବା ପରେ ଆତ୍ମୀୟ ସ୍ୱଜନ ମାନେ କିପରି ନର୍କ ଯନ୍ତ୍ରଣା ଭୋଗ କରନ୍ତି ତାହା କେବଳ ଅଙ୍ଗେ ନିଭେଇଥିବା ବ୍ୟକ୍ତି ହିଁ କହି ପାରିବେ। ଅବଶ୍ୟ ପୂର୍ବ ଅପେକ୍ଷା ଏବେ ସ୍ୱର୍ଗଦ୍ୱାରରେ ବହୁ ମାତ୍ରାରେ ସଂସ୍କାର ଆସିଛି। ମାତ୍ର ଶବ ଆଣି ସ୍ୱର୍ଗଦ୍ୱାରକୁ ଆସୁଥିବା ଆତ୍ମୀୟ ମାନଙ୍କ ଗାଡି ପାର୍କିଂ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସ୍ୱର୍ଗଦ୍ୱାରର ସମ୍ମୁଖ ପଟରେ କେବଳ ବାଇକ୍ ରଖିବା ପାଇଁ ବ୍ୟବସ୍ଥା ଥିବା ବେଳେ ଚାରି ଚକିଆ ରଖିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଗାଡିରୁ ଶବ ଓହ୍ଲାଇ ସାରିବା ପରେ ସେ ଆମ୍ବୁଲାନ୍ସ ହେଉ ବା ନିଜର ଚାରି ଚକିଆ ହେଉ ସେଠି ରହିବାର କୌଣସି ବନ୍ଦୋବସ୍ତ ନାହିଁ। ସାଧାରଣତଃ ଦୂର ଦୁରାନ୍ତରୁ ଗୋଟିଏ ଶବ ଆସିଲେ ଶବ ବାହକ ଗାଡି ସହ ନିଶ୍ଚୟ ଆଉ ଗୋଟିଏ ଗାଡିରେ ଆତ୍ମୀୟ ମାନେ ଆସି ଥାଆନ୍ତି। ପୂର୍ବରୁ ସ୍ୱର୍ଗଦ୍ୱାରର ସମୁଦ୍ର ପଟ ପାଚେରୀକୁ ଲାଗି ରାସ୍ତା କଡରେ ଗାଡି ପାର୍କିଂ କରାଯାଉଥିଲା କିନ୍ତୁ ଏବେ ସେଠାରେ ତାର ବାଡ କରାଯାଇ ଗଛ ଲଗା ଯାଇଛି। ହେଲେ ରକ୍ଷଣା ବେକ୍ଷଣ ଅଭାବରୁ ଗଛ ଗୁଡିକ ଅନାବନା ହୋଇ ଗଲାଣି। ତାର ବାଡ ଭାଙ୍ଗିରୁଜି ଗଲାଣି। ଅଳିଆ ଆବର୍ଜନାରେ ପୁରି ଗଲାଣି ସେ ସ୍ଥାନ। ସେଥିପ୍ରତି କାହାର ନିଘା ନାହିଁ। କିନ୍ତୁ ସେଠାରେ ରାସ୍ତା କଡରେ ଗାଡି ପାର୍କିଂ କଲେ ପୋଲିସ୍ ଗାଡିକୁ ଉଠାଇ ନେଉଛି। ଚାରି ଚକିଆ ପାର୍କିଂ କରିବାକୁ ହେଲେ ସେଠାରୁ ଏକ କି ଦେଢ କିଲୋମିଟର ଦୂରରେ ଥିବା ପାର୍କିଂରେ ଗାଡି ପାର୍କିଂ କରିବାକୁ ଯାଇ ଅତ୍ମୀୟ ସ୍ୱଜନ ମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏଣେ ସ୍ୱର୍ଗଦ୍ୱାର ଭିତର ଅବସ୍ଥା ନ କହିଲେ ଭଲ। ସ୍ୱର୍ଗଦ୍ୱାର ଭିତରେ ଥିବା ଶୌଚାଳୟ ନିୟମିତ ସଫା ହେଉନାହିଁ। ଭିତରେ ଯେତିକି ବାହାରେ ସେତିକି ଅଳିଆ ଅବର୍ଜନା ଗଦା ହୋଇ ଦୁର୍ଗନ୍ଧ ବାହାରୁଛି। ବେସିନ ଗୁଡିକର ଟ୍ୟାପ୍ କାମ କରୁନାହିଁ । ବେସିନ୍ ଗୁଡିକ ପାନ ଛେପରେ ବୁଡିଛି। ପାନୀୟ ଜଳ ପାଇଁ ଲଗା ଯାଇଥିବା ଫିଲ୍ଟର ଅକାମୀ ହୋଇ ପଡିଛି।

ସ୍ୱର୍ଗଦ୍ୱାରକୁ ଦୈନିକ ଶତାଧିକ ଶବ ଦାହ ହେବାପାଇଁ ବିଭିନ୍ନ ସ୍ଥାନରୁ ଆସିଥାଏ। ଶବ ଦାହ କରିବା ପାଇଁ ଅଠେଇଶ ଟି ଚୁଲା ରହିଛି। କିନ୍ତୁ ଶବଦାହ ହେବା ପୂର୍ବରୁ ସେଠାରେ ରଖିବା ପାଇଁ ମାତ୍ର ଛଅଗୋଟି ପିଣ୍ଡିର ବ୍ୟବସ୍ଥା ଅଛି। ଶବଦାହ ପାଇଁ ଥିବା ଚୁଲା ଗୁଡିକରେ ଶବଦାହ ଚାଲିଥିବା ବେଳେ ଚୁଲା ଖାଲି ହେବା ପର୍ଯ୍ୟନ୍ତ ଅନ୍ୟ ଶବ ଗୁଡିକୁ ଏହି ପିଣ୍ଡିରେ ରଖି ଅପେକ୍ଷା କରିବାକୁ ପଡେ।

- ଗାଡ଼ି ପାର୍କିଂ ପାଇଁ ବ୍ୟବସ୍ଥା ନାହିଁ
- ରାସ୍ତା କଡ଼ରୁ ସମ୍ପର୍କୀୟଙ୍କ ଗାଡ଼ିକୁ ଉଠାଇ ନେଉଛି ପୋଲିସ୍
- ଶବ ରଖିବାକୁ ପିଣ୍ଡି ଅଭାବ
- ଶୌଚାଳୟର ଅବସ୍ଥା ଶୋଚନୀୟ
- ବେସିନ୍ ଟ୍ୟାପ୍ କାମ କରୁନାହିଁ
- ଅକାମୀ ହୋଇ ପଡ଼ିଛି ୱାଟର ଫିଲ୍‌ଟର
- ସମ୍ପର୍କୀୟଙ୍କ ଠାରୁ ବିଭିନ୍ନ ଉପାୟରେ ଅର୍ଥ ଦାବୀ କରୁଛନ୍ତି ବ୍ରାହ୍ମଣ ଓ ଶବ ସଂସ୍କାର କରୁଥିବା ବ୍ୟକ୍ତି

ବେଳେ ବେଳେ ଶବ ସଂଖ୍ୟା ବଢ଼ିଲେ ପିଣ୍ଡି ଅଭାବରୁ ଶବ ଗୁଡିକୁ ବାହାରେ ରାସ୍ତା



*ଆବର୍ଜନା ପୂର୍ଣ୍ଣ ସ୍ୱର୍ଗଦ୍ୱାରର ପଛ (ସମୁଦ୍ର ପଟ) ପାର୍ଶ୍ୱ*

କଡରେ ଥୋଇ ଘଂଟା ଘଂଟା ଅପେକ୍ଷା କରିଥିବାର ଦେଖିବାକୁ ମିଳୁଛି। ରାଜନେତା ଏବଂ ସେବାୟତ ମାନଙ୍କ ପାଇଁ ଚାରି ଗୋଟି



ଚୁଲା ସଂରକ୍ଷିତ କରି ରଖା ଯାଉଥିବା ବେଳେ ସେଠାରେ ଅନ୍ୟ ଶବଦାହ କରିବାକୁ ଦିଆଯାଉନାହିଁ। ତା ସାଙ୍ଗକୁ ଶବଦାହ କରିବା ପାଇଁ ନିଯୁକ୍ତ ବ୍ୟକ୍ତି ଏବଂ ପଥଶ୍ରାଦ୍ଧ ନିମନ୍ତେ ନିଯୁକ୍ତ ବ୍ରାହ୍ମଣ ମାନଙ୍କର ଦୌରାତ୍ମ୍ୟ। ଶବଦାହ କରିବା ପାଇଁ ସରକାରଙ୍କ ତରଫରୁ ଉଦ୍ଦିଷ୍ଟ କାଉଂଟରରେ ଟଙ୍କା ଦାଖଲ କରାଯାଇଥାଏ। ସେମାନେ ସେଠାରୁ ପାରିଶ୍ରମିକ ପାଇଥାନ୍ତି। ମାତ୍ର ପଥଶ୍ରାଦ୍ଧ ବେଳେ ଏବଂ ଶବଦାହ ଚାଲିଥିବା ସମୟରେ ସେମାନେ ଆତ୍ମୀୟ ମାନଙ୍କ ଠାରୁ ନିଜ ଖୁସିରେ ଯାହା ଦିଅ କହି ଅର୍ଥ ଦାବି କରିଥାନ୍ତି। ସେତିକିରେ ବି ଦୁଃଖ ସରେ ନାହିଁ। ଶବଦାହ ସରିବା ପରେ ଅସ୍ଥି ନେବା ବେଳକୁ ପୁଣି ମୁଳ ଚାଲ ଆରମ୍ଭ ହୋଇ ଯାଏ। ତୁମ ବାପାଙ୍କର(ସଂପର୍କୀୟ) କ'ଣ ଆଉ ଥରେ ଶବ ଦାହ କରିବାକୁ ଆସିବ? ଶଷ ଥର ପାଇଁ ଦେଇକି ଯାଅ। ଭଗବାନ ଆତ୍ମାକୁ ମୁକ୍ତି ଦେବେ। ତୁମ ଖୁସିରେ ଯାହା ଇଛା ଦିଅ ଇତ୍ୟାଦି କହି ଅର୍ଥ ଦାବି କରିଥାନ୍ତି। ସେଥିରେ ପୁଣି ଯଦି ପାଉଣା ଟିକେ କମ୍ ହୋଇଯାଏ ତାହେଲେ ତୁମ ବାପାଙ୍କର(ସଂପର୍କୀୟ) ମୂଲ୍ୟ କଣ ଏତିକି ? ବୋଲି କହି ଇମୋସନାଲ ଢ଼ଙ୍ଗରେ ଏପରି ଖର୍ଚ୍ଚପାଣି ଦାବି କରିଥାନ୍ତି ଯେ, ନିଜ ଲୋକର ବିୟୋଗରେ ମିୟମ୍ରାଣ ଆତ୍ମୀୟ ଜଣକ ପରିସ୍ଥିତିରେ ପଡି ତାଙ୍କ ବିରୁଦ୍ଧରେ ଅଭିଯୋଗ କରି ଅଫିସ୍ ମହଲ



ଅଚଳ ପିଇବା ପାଣି ଫିଲ୍ଟର୍

ଝାମେଲାରେ ଛନ୍ଦି ହୋଇ ଆହୁରି ହଇରାଣ ହେବା ଅପେକ୍ଷା ଅନିଛା ସତ୍ତ୍ୱେ ସେମାନଙ୍କୁ ତଣ୍ଡ ଗଣିବାକୁ ବାଧ ହୋଇଥାନ୍ତି। ତେଣୁ ସ୍ୱର୍ଗ ଦ୍ୱାରରେ ଏହି ଅବ୍ୟବସ୍ଥା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସ୍ୱର୍ଗଦ୍ୱାର ସଂସ୍କାର ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ଜାରି ରହିଥିଲେ ହେଁ, ତଳ ସ୍ତରର ଏଭଳି କେତେକ ଅର୍ଥଲୋଭୀ କର୍ମଚାରୀଙ୍କ ପାଇଁ ଆମେ ବଦନାମ ହେଉଛୁ ବୋଲି ସ୍ୱର୍ଗଦ୍ୱାରରେ କାର୍ଯ୍ୟରତ କେତେଜଣ କର୍ମଚାରୀ ପ୍ରକାଶ କରିଛନ୍ତି।

## ଚାଲିଗଲେ 'ଦଣ୍ଡା ବାଲୁଙ୍ଗା'



କେବେ ସେ ଦଣ୍ଡା ବାଲୁଙ୍ଗା ତ କେବେ ଜ୍ୱାଇଁ ପୁଅ, ପୁଣି କେବେ ସରପଞ୍ଚ ବାବୁ। ରାମାୟଣର ପ୍ରଭୁ ଶ୍ରୀରାମ, ଭକ୍ତ ସାଲବେଗର ସାଲବେଗ, ବନ୍ଧୁ ମହାନ୍ତି ଓ ଜୟଦେବ ସିନେମାର ଶୀର୍ଷକ ଭୂମିକାରେ ତାଙ୍କ ଜୀବନ୍ତ ଅଭିନୟର ଝଲକ୍ ଏବଂ ସଂଳାପ ଉଚ୍ଚାରଣର ନିଆରା ଶୈଳୀ ଆଉ ଦେଖିବାକୁ ମିଳିବନି ସତ, କିନ୍ତୁ ସେ ସଦା ସର୍ବଦା ଦର୍ଶକଙ୍କ ହୃଦୟରେ ମନେରହିବେ ଜଣେ ଭଲ ଅଭିନେତା ଓ ଡ୍ୟାନ୍ସିଂ ଷ୍ଟାର ଆଉ ସର୍ବୋପରି ଜଣେ ଭଲ ମଣିଷ ହିସାବରେ। ଅଭିନୟ କଲାବେଳେ ତାଙ୍କ ହସରେ ଦର୍ଶକ ହସୁଥିଲେ ଆଉ କାନ୍ଦରେ ଦର୍ଶକଙ୍କ ଆଖିରେ ଲୁହ ଆସି ଯାଉଥିଲା। ବାସ୍ ସେତିକି ହିଁ ଦର୍ଶକଙ୍କୁ ସିନେମା ହଲ୍'କୁ ଟାଣି ଆଣୁଥିଲା। ପ୍ରଥମ ସିନେମାକୁ 'ଅଭିମାନ' କରି ଆସିଥିଲେ ଆଉ ଶେଷରେ ସମସ୍ତଙ୍କୁ 'ବିଦ୍ୟାରାଣି' ପକାଇ ଚାଲିଗଲେ। ଜଣେ ପ୍ରଯୋଜକ ହିସାବରେ ନିଜର ପ୍ରଡକସନ୍ ହାଉସ୍ ମୟୁର ସିନେମା ବ୍ୟାନରରେ ଗୋଟିଏ ସିନେମା 'ସାହା ଭରସା' କେବଳ ମହୁରତ କରିଥିଲେ କିନ୍ତୁ କିଛି କାରଣରୁ ଶେଷ କରିପାରିଲେନି। 'ସମୟର ଡୋରି' ସିନେମା ଯାହାକି ପରେ 'ସୁନା ଭାଉଜ' ନାମରେ ରିଲିଜ୍ ହେବାର ଥିଲା କେତେକ ଅନିର୍ବାଜ୍ୟ କାରଣ ପାଇଁ ରୁପେଲି ପରଦାକୁ ଆସିପାରିଲାନି। ଏହାବ୍ୟତୀତ ଶତାଧିକ ଓଡିଆ, ବେଙ୍ଗଲି ଓ ହିନ୍ଦୀ ସିନେମାର ସର୍ବୋତ୍ତମ ନାୟକ ଉତ୍ତମ ମହାନ୍ତିଙ୍କ ଦୁଃଖଦ ଦେହାନ୍ତ ସହିତ ଓଡିଆ ସିନେମା ଇତିହାସର ଗୋଟିଏ ଯୁଗ ଶେଷ ହେଲା। ତାଙ୍କର ପରଲୋକ ଗମନରେ ଭଏସ୍ ଅଫ୍ ଭିକ୍ଟିମ୍ସ ପରିବାର ତରଫରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ଅମର ଆତ୍ମାର ସଦଗତି କାମନା କରୁଛୁ।

**କୈଳାସ ଚନ୍ଦ୍ର ଶତପଥୀ**
**ମୁଖ୍ୟ ସମ୍ପାଦକ**



# ପ୍ଲୋବର



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ବିନା ରହଣିରେ ୪୯୪୨ କିଲୋମିଟର ଆକାଶପଥ, ମାତ୍ର ୮୮ ଘଣ୍ଟାରେ ଅତିକ୍ରମ କରିବାର ଅଦ୍ଭୁତ କ୍ଷମତା, ଏକ କ୍ଷୁଦ୍ର ପକ୍ଷୀ ପାଖରେ ରହିଛି । ଋତୁ ଅନୁସାରେ ନିଜ ଶରୀରର ରଙ୍ଗ ବଦଳାଉଥିବା ଏହି ସୁନ୍ଦର ପକ୍ଷୀଟିର ନାମ ' ଗୋଲଡେନ ପ୍ଲୋବର''। ନିମ୍ନଭାଗରେ ନର୍ଥ ପ୍ୟାସିଫିକ୍ ଓସନ ଓ ଆର୍କଟିକ୍ ଓସନର ବିସ୍ତୃତ ଜଳରାଶି ମଧ୍ୟରେ କୌଣସି ଦ୍ୱୀପ ନଥିବାରୁ ଓ ପକ୍ଷୀଟି ସନ୍ତରଣ କ୍ଷମତା ନଥିବାରୁ, ବିନା ଖାଦ୍ୟ, ପାନୀୟ ଓ ରହଣିରେ ଏହା ଏକ ନିର୍ଦ୍ଦିଷ୍ଟ ଓ ନ୍ୟୁନତମ ପଥରେ କ୍ରମାଗତ ଭାବେ, ୮୮ ଘଣ୍ଟା ଧରି ଆକାଶରେ ଉଡିଥାଏ। ସବୁଠାରୁ ଆଶ୍ଚର୍ଯ୍ୟ କଥା, ସହଜାତ ଗୁଣରୁ ଏମାନେ ନିର୍ଦ୍ଦିଷ୍ଟ ଆକାଶପଥ ଓ ଜାଣିପାରନ୍ତି ଓ



ଗନ୍ତବ୍ୟ ସ୍ଥଳରେ ପହଞ୍ଚି, ପୂର୍ବରୁ ଆସିଥିବା ନିଜର ଆତ୍ମୀୟଙ୍କ ସହ ମିଶନ୍ତି ।

ସାରା ଦୁନିଆରେ ୬୬ ପ୍ରଜାତିର ପ୍ଲୋବର ଦୃଶ୍ୟମାନ ହୁଅନ୍ତି । ଏହାର ବୈଜ୍ଞାନିକ ନାମ P. Dominicia । ପ୍ରଜାତିଭେଦରେ ଏମାନଙ୍କ ଶାରୀରିକ ଗଠନ, ସ୍ୱଭାବ, ଓ ଜୀବନକାଳ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଏମାନେ କେବଳ ଖୋଲା ସ୍ଥଳଭାଗରେ ବସା ତିଆରି କରନ୍ତି ।

**ଜୀବଜଗତ**

ବୟସ୍କ ଗୋଲଡେନ ପ୍ଲୋବର ପକ୍ଷୀର ଲମ୍ବ ୧୦ ଇଞ୍ଚ, ଓଜନ ମାତ୍ର ୧୩୫ ଗ୍ରାମ ଓ ଡେଣାର ଲମ୍ବ ୨ ଫୁଟ ପର୍ଯ୍ୟନ୍ତ ହୋଇଥାଏ । କଳା ଧଳା ଓ ସମ୍ମିଶ୍ରିତ ରଙ୍ଗର ଚଢେଇଟି ଶୀତଋତୁରେ ଗାଢ଼ ସୁନେଲି ରଙ୍ଗ ଧାରଣ କରେ। ଏମାନଙ୍କ ପରମାୟୁ ୧୩ ବର୍ଷ ରୁ ୧୫ ବର୍ଷ । ପ୍ଲୋବର୍ ସାଧାରଣତଃ ପ୍ରବାସୀ ପକ୍ଷୀ । ମାର୍ଚ୍ଚ ମାସରେ ଦଳବଦ୍ଧ ଭାବେ, ଦକ୍ଷିଣ-ପୂର୍ବ ଏସିଆ ଦେଶ ସମୂହ , ଅଷ୍ଟ୍ରେଲିଆ, ପ୍ୟାସିଫିକ ଆଇଲ୍ୟାଣ୍ଡ ଓ ଅନ୍ୟାନ୍ୟ ଅଞ୍ଚଳକୁ ଏମାନେ ପ୍ରବାସ ଗମନ କରନ୍ତି ।

ପ୍ରବାସ ଯାତ୍ରା କରିବାକୁ ଚାହୁଁଥିବା ହଜାର ହଜାର ପକ୍ଷୀ ହାୱାଇ ଦ୍ୱୀପପୁଞ୍ଜରେ ଏକାଠି ହୁଅନ୍ତି । ମାତ୍ର ୮୮ଘଣ୍ଟାରେ ୫୦୦୦ କିଲୋମିଟର ଦୁଃସାହସିକ ଉଡାଣ ପାଇଁ ପ୍ରଥମେ ନିଜକୁ ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ କରନ୍ତି । ପ୍ରଥମେ ନିଜ ଶରୀରରେ ଫ୍ୟାଟ ବୃଦ୍ଧିକରି ଓଜନକୁ ୧୩୫ ଗ୍ରାମରୁ ୧୯୮ ଗ୍ରାମ କରି ଦିଅନ୍ତି । ଏହି ଫ୍ୟାଟ ଉଡିବା ବେଳେ ତାଙ୍କ ଶରୀରରେ ଉଡାଜାହାଜର ଇନ୍ଧନ ପରି କାମ କରିଥାଏ।

ସ୍ୱାଭାବିକ ଭାବରେ ଉଡିଲା ବେଳେ ଗୋଟିଏ ଘଣ୍ଟା ଉଡାଣ ପାଇଁ, ଗୋଟିଏ ଗ୍ରାମ ଫ୍ୟାଟ କ୍ଷୟ ହୁଏ ତେଣୁ ଏମାନଙ୍କ ସଞ୍ଚୟ କରିଥିବା ଫ୍ୟାଟ ୭୨ ଘଣ୍ଟାର ଯାତ୍ରା ପୂର୍ବରୁ ଶେଷ ହୋଇଯିବା କଥା କିନ୍ତୁ ସେପରି କିଛି ଘଟିନଥାଏ । ଏହାର ରହସ୍ୟ ସେମାନଙ୍କ ଶାରୀରିକ ଗଠନ ଭିତରେ ଲୁଚି ରହିଛି । ଏମାନଙ୍କ ଶରୀରରେ କିଛି ରିଜର୍ଭ ଫୁଏଲ, ଆପଦକାଳୀନ ପରିସ୍ଥିତି ପାଇଁ ସବୁବେଳେ ଗଚ୍ଛିତ ଥାଏ ।

ପକ୍ଷୀ ଗବେଷଣାରୁ ଜାଣି ପାରିଛନ୍ତି, ଦଳଗତ ଭାବେ ଇଂରାଜୀ ଅକ୍ଷର V (ଭି) ଆକାର ଉଡିବା ଓ ବାରମ୍ବାର ସ୍ଥାନ ପରିବର୍ତ୍ତନ କରିବା ଯୋଗୁଁ ଏମାନଙ୍କ ଉପରେ ବାୟୁଚାପ କମ ପଡିଥାଏ ତେଣୁ ଏମାନେ ୨୫ ଘଣ୍ଟା ଫୁଏଲ ସଞ୍ଚୟରେ ଲାଭ ଉଠାନ୍ତି ଓ ନିର୍ବିଘ୍ନରେ ହାୱାଇରୁ ଆଲସ୍କା ପହଞ୍ଚି ଯାଆନ୍ତି । ସହଜାତ ଗୁଣରୁ ନିର୍ଦ୍ଦିଷ୍ଟ ପଥ, ଗନ୍ତବ୍ୟ ସ୍ଥଳ, ନିଜ ଶରୀରରେ ଗଚ୍ଛିତ ଫ୍ୟାଟର ପରିମାଣ ବିଷୟରେ ସମସ୍ତେ ଅବଗତ ଥାଆନ୍ତି। ଘଣ୍ଟାପ୍ରତି ସର୍ବାଧିକ ୯୫ କିଲୋମିଟର ବେଗରେ ଏମାନେ ଉଡନ୍ତି । ଏମାନେ ସାଧାରଣତଃ ଭୂମିପଉନ ଠାରୁ ୩୦୦୦ ଫୁଟରୁ ୧୬୦୦୦ ଫୁଟ (୧ କିମି ରୁ ୫ କିମି ) ଉଚ୍ଚରେ ଉଡ଼ନ୍ତି। V ଅକ୍ଷର ଆକୃତିର ମୁନିଆ ଅଂଶରେ ଉଡୁଥିବା ପକ୍ଷୀଟି, ପାଇଲଟ ଭୂମିକା ତୁଲାଇ ଥାଏ ଓ ନିର୍ଦ୍ଦିଷ୍ଟ ଦୂରତ୍ୱ ବ୍ୟବଧାନରେ ସ୍ଥାନ ପରିବର୍ତ୍ତନ କରି, ଅନ୍ୟ ଏକ ପକ୍ଷୀକୁ ଦାୟିତ୍ୱ ହସ୍ତାନ୍ତର କରେ। ସମସ୍ତ ପକ୍ଷୀ ଉଡିଲା ବେଳେ, କେବଳ ପାଇଲଟ ପକ୍ଷୀକୁ ଅନୁଧାବନ କରନ୍ତି । ରାତ୍ରିର ଘନ ଅନ୍ଧକାର ଓ ପ୍ରତିକୂଳ ପାଗକୁ ସାମନା କରି ୮୮ ଘଣ୍ଟାରେ, ଏମାନଙ୍କ ଲମ୍ବା ପ୍ରବାସ ଯାତ୍ରା ସମାପ୍ତ କରନ୍ତି ।

ଆଲାସ୍କା ଉପକୂଳରେ ପହଞ୍ଚିଲା ପରେ ମାତା ପ୍ଲୋବର ବସା ତିଆରି ପାଇଁ ସ୍ଥାନ ଚୟନ କରେ। ପୁରୁଷ ପକ୍ଷୀ ଘାସ ଓ କାଠି ସଂଗ୍ରହ କରି ଭୂଭାଗରେ ବସା ତିଆରି କରେ । ପ୍ଲୋବର , କଳା ଓ ମାଟିଆ ରଙ୍ଗର ଛୋଟ ବଡ ବିନ୍ଦୁ ଥାଇ ୪ଟି ଅଣ୍ଡା ଦିଏ । ପୁରୁଷ ପକ୍ଷୀ ଦିନରେ ଓ ମାତା ପକ୍ଷୀ ରାତିରେ ଅଣ୍ଡାକୁ ମିଳିମିଶି ଉଷୁମାନ୍ତି । ୨୬ ରୁ ୨୮ ଦିନ ଭିତରେ ଅଣ୍ଡା ଫୁଟି ଶାବକ ଜନ୍ମ ହୁଅନ୍ତି । ଏହି ପ୍ରକ୍ରିୟା ମେ ମାସରୁ ଜୁଲାଇ ମାସ ଭିତରେ ସମାପ୍ତ ହୁଏ । ଶାବକ ମାତ୍ର ଦୁଇ ଦିନର ହୋଇଗଲେ ନିଜର ଖାଦ୍ୟ ନିଜେ ସଂଗ୍ରହ କରିବା ଶିଖେ ଓ ୬ ସପ୍ତାହ ହୋଇଗଲେ ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳ ହୋଇଯାଏ ତେବେ ସେମାନଙ୍କୁ ପ୍ରବାସ ଯାତ୍ରା କରିବାକୁ କିଛି ସମୟ ଲାଗିଥାଏ । ପିତାମାତା ଶାବକକୁ ସେଠାରେ ଛାଡି ପୁନର୍ବାର ହାୱାଇକୁ ଫେରି ଆସନ୍ତି ।

କ୍ଷୁଦ୍ର ଅଥଚ ବିସ୍ମୟକର ପକ୍ଷୀଟି ପାଖରେ ଅଦ୍ଭୁତ କ୍ଷମତା ରହିଛି । ରାତିବେଳା ଘନ ଅନ୍ଧକାରରେ ଉଡିବା, ପ୍ରତିକୂଳ ପାଗରେ ସଠିକ ମାର୍ଗ ବଜାୟ ରଖିବା, ନିଜେ ନିଜର ଉଡାଣ କ୍ଷମତା ତଥା ଫ୍ୟାଟ ସମ୍ପର୍କରେ ଅବଗତ ହେବା, ଆଦି ଗୁଣ ସେମାନଙ୍କୁ ଅନ୍ୟ ପକ୍ଷୀ ଠାରୁ ସ୍ୱତନ୍ତ୍ର କରେ। ଉଡାଣ ଭରିବାର ସଠିକ ଦିନ ଓ ସମୟ ନିର୍ଦ୍ଧାରଣ ସେମାନେ ଆଗୁଆ ସ୍ଥିର କରନ୍ତି। ଏପରିକି କେଉଁ ଦଳରେ କେତେ ପରିମାଣର ପକ୍ଷୀ ଓ ଯାତ୍ରା କରିବେ ଏହା ଆଗରୁ ସ୍ଥିରୀକୃତ ହୋଇଥାଏ।

କୁମ୍ଭୀର ସହିତ ପ୍ଲୋବର ପକ୍ଷୀର ମିତ୍ରତା ଥାଏ ଏମାନେ ନିର୍ଭୟରେ ତା ପାଟି ଭିତରେ ପଶି, ଦାନ୍ତରେ ଲାଗିଥିବା ଖାଦ୍ୟାଂଶ ଓ ପୋକଯୋକ ଆଦି ଖାଇ ସଫା କରି ଦିଅନ୍ତି । ପକ୍ଷୀଟି ତା କାର୍ଯ୍ୟ ସାରିବା ପର୍ଯ୍ୟନ୍ତ କୁମ୍ଭୀର ତା ପାଟିକୁ ମେଲା ରଖିଥାଏ । କୃତଜ୍ଞତା ସ୍ୱରୂପ ଅନ୍ୟ ପକ୍ଷୀମାନଙ୍କୁ କୁମ୍ଭୀର ଶିକାର କଲେ ମଧ୍ୟ ପ୍ଲୋବରର କିଛି କ୍ଷତି କରିନଥାଏ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

## ଏକାଦଶୀ ଉପବାସ ମାହାତ୍ମ୍ୟ : ୧୮

# ପୁତ୍ରଦା ଏକାଦଶୀ -( ୨ୟ ଭାଗ)

ସିଦ୍ଧାର୍ଥ ମହାପାତ୍ର

ଧର୍ମରାଜ ଯୁଧିଷ୍ଠିର ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଶ୍ରାବଣ ମାସ ଶୁକ୍ଲ ପକ୍ଷ ଏକାଦଶୀ ବିଷୟରେ ପଚାରିଲେ। ପ୍ରଭୁ ଶ୍ରୀକୃଷ୍ଣ ସେହି ଏକାଦଶୀର ନାମ ପୁତ୍ରଦା ଏକାଦଶୀ ବୋଲି କହିଲେ ଯାହା ନିଷ୍ଠାର ସହିତ ପାଳନ କଲେ ପୁତ୍ର ପ୍ରାପ୍ତି ହୁଏ। ପୁତ୍ରଦା ଏକାଦଶୀ ଶ୍ରାବଣ ମାସ ଶୁକ୍ଲ ପକ୍ଷ ତିଥିରେ ପଡିଥାଏ। ଏହି ଏକାଦଶୀରେ ଗୋମାତାଙ୍କ ପୂଜନ କରିବା ଉଚିତ। ଏକଦା ମହିମତୀ ନଗରୀ ରେ ମହିଜିତ ନାମକ ଧର୍ମାତ୍ମା ରାଜା ରାଜୁତି କରୁଥିଲେ ଯିଏ ପୁତ୍ରହୀନ ଥିଲେ। ପୁତ୍ର ପ୍ରାପ୍ତିର ସମସ୍ତ ଚେଷ୍ଟା ବ୍ୟର୍ଥ ହେବାପରେ ରାଜାଙ୍କୁ ଦୁଃଖରେ ଥିବା ଦେଖି ମନ୍ତ୍ରୀମଣ୍ଡଳ ସମସ୍ୟା ନିରାକରଣର ଚେଷ୍ଟା କଲେ। ଅରଣ୍ୟରେ ଥିବା ଲୋମଶ ଋଷିଙ୍କୁ ପଚାରିବାରୁ, ସେ ତାଙ୍କ ଦିବ୍ୟ ଶକ୍ତି ବଳରେ କହିଲେ କି ରାଜା ମହିଜିତ ପୂର୍ବ ଜନ୍ମରେ କାଙ୍ଗାଳ ଏବଂ ପାପାଚାରୀ ଥିଲେ। ଦିନେ ବୁଲୁ ବୁଲୁ ତାଙ୍କୁ ଜଳ ଏବଂ ଖାଦ୍ୟ ମିଳିବା ଦୁଷ୍କର ହେଲା। ସେମିତି ରାତି ମଧ୍ୟ ପାହିଗଲା। ଦ୍ୱିତୀୟ ଦିନ ତାଙ୍କୁ ଜଳାଶୟଟିଏ ମିଳିଲା ଯୋଉଠି ଗୋଟିଏ ତୃଷାର୍ତ୍ତ ଗାଈ ଜଳ ପାନ ପାଇଁ ଯାଉଥିଲା। ତାକୁ ନିଷ୍ଠୁର ପ୍ରହାର କରି ସେଠୁ ଭଗେଇ ସେ ଜଳ ପାନ କଲେ। ଯେଉଁଦିନ ରାଜା ମହିଜିତଙ୍କ ପୂର୍ବଜନ୍ମ ବ୍ୟକ୍ତି କ୍ଷୁଧାର୍ତ୍ତ ଏବଂ ତୃଷାର୍ତ୍ତ ଥିଲା ସେଦିନ ଥିଲା ପୁତ୍ରଦା ଏକାଦଶୀ। ସେଦିନ ସେ ରାତ୍ରି ଜାଗରଣ କରିଥିଲେ ଏବଂ ଖାଦ୍ୟ ପାନୀୟ ନିମନ୍ତେ ଭଗବାନଙ୍କୁ ମଧ୍ୟ ସ୍ମରଣ କରିଥିଲେ। ତେଣୁ ପର ଜନ୍ମରେ ତାଙ୍କୁ ରାଜ୍ୟ ଏବଂ ରାଜପଦ ମିଳିଥିଲା। କିନ୍ତୁ ତୃଷାର୍ତ୍ତ ଗୋମାତାଙ୍କୁ ପ୍ରତାଡ଼ିତ କରିଥିବାରୁ ପୁତ୍ରହୀନ ହେଲେ। ଏହି ପାପର ଉପଚାର ପାଇଁ ସମସ୍ତ ରାଜ୍ୟବାସୀ ପୁତ୍ରଦା ଏକାଦଶୀ ବ୍ରତ ପାଳନ କରି ଫଳ ରାଜାଙ୍କୁ ପ୍ରଦାନ କଲେ ରାଜା ପୁତ୍ର ଲାଭ କରିବେ। ଏକାଦଶୀ ଦିନ ଗୋମାତାଙ୍କୁ ମଧୁର ଜଳ, ଫଳ ମୂଳ ସେବନ କରାଇବେ ଏବଂ ଦ୍ୱାଦଶୀ ଦିନ ମିଷ୍ଟାନ୍ନ, ପୁରୀ, ଲଡୁ ଇତ୍ୟାଦି ଦ୍ୱାରା ଆପ୍ୟାୟିତ କରାଇବେ। ଲୋମଶ ମୁନୀଙ୍କ ଉପଦେଶ ପାଳନ କରି ରାଜାଙ୍କର ଅଚିରେ ପୁତ୍ର ଲାଭ ହେଲା। ଏହି ଦିନ ଆଖୁ ଗୁଡ଼ ଭୋଗ ଲଗାଇ ସେବନ କରିବା ଉଚିତ।

**ବି.ଦ୍ର:** ଗୋଟିଏ ବର୍ଷରେ ଦୁଇଟି ପୁତ୍ରଦା ଏକାଦଶୀ ଥାଏ। ପୌଷ ଶୁକ୍ଳ ପକ୍ଷ ଏକାଦଶୀ ଏବଂ ଶ୍ରାବଣ ଶୁକ୍ଳ ପକ୍ଷ। ଦୁଇଟି ବ୍ରତ ପାଳନ କଲେ ପୁତ୍ର ଲାଭ ହୁଏ। ପୂର୍ବରୁ ଏକାଦଶୀ ଉପବାସ ମାହାତ୍ମ୍ୟ -୪ ଶୀର୍ଷକରେ ପୁତ୍ରଦା ଏକାଦଶୀ ଉପବାସ (ଭାଗ-୧) ବିଷୟରେ ପ୍ରକାଶିତ ହୋଇଥିଲା।

*ବଜ୍ରକବାଟି ରୋଡ, କଟକ-୧*
*ମୋ : ୯୩୩୮୫୭୦୯୯୩*

# ହୃଦଘାତର ଆଶଙ୍କା କମାଏ ଆଭୋକାଡୋ



ସୁସ୍ଥ ରହିବା ପାଇଁ ସନ୍ତୁଳିତ ଆହାର ଜରୁରି। ସେଥିପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାରର ଫଳ ଓ ପନିପରିବାକୁ ସାମିଲ୍ କରିବାକୁ କୁହାଯାଇଥାଏ। ପ୍ରତ୍ୟେକ ଫଳର କିଛି ନା କିଛି ବିଶେଷତ୍ୱ ରହିଥାଏ, ଯଦ୍ୱାରା ଏହା ଲୋକମାନେ ଏହାକୁ ପସନ୍ଦ କରିଥାନ୍ତି। ସେମିତି ଏକ ଫଳ ହେଉଛି ଆଭୋକାଡୋ, ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ। ଏହା ପୋଷକ ତତ୍ତ୍ୱରେ ଭରା, ଯାହା ପାଚନ ତନ୍ତ୍ରଠାରୁ ଆରମ୍ଭ କରି ମଧୁମେହ ଓ ହୃଦଘାତ ତଥା ମସ୍ତିଷ୍କ ପାଇଁ ମଧ୍ୟ ବେଶ ଉପକାରୀ। ଚାଲନ୍ତୁ ଜାଣିବା ଆଭୋକାଡୋ ଶରୀରକୁ କେତେ ସୁସ୍ଥ ରଖିଥାଏ।

ସୁସ୍ଥ ରଖେ ହୃଦୟ: ଆଭୋକାଡୋ ଲିପିଡ୍ ପ୍ରୋଫାଇଲ୍‌ରେ ସୁଧାର ଆଣିବା ସହ ହୃଦୟକୁ ସୁରକ୍ଷାତ୍ମକ ବଳୟ ଦେଇଥାଏ। ନିୟମିତ ୫ ସପ୍ତାହ ଆଭୋକାଡୋ ଖାଇବା ଦ୍ୱାରା ବଢିଥିବା ଲିପିଡ୍ ପ୍ରୋଫାଇଲ୍‌ସ୍ତରକୁ କମ୍ କରାଯାଇପାରେ। ଟ୍ରାଇଗ୍ଲିସରାଇଡସ୍ ଏବଂ ଏଲ୍‌ଡିଏଲ୍‌କୁ କମ୍ କରି ଏଚ୍‌ଡିଏଲ୍‌କୁ ବଢାଇଥାଏ। ଶର୍କରାସ୍ତରକୁ ନିୟନ୍ତ୍ରିତ ରଖେ: ଡାଏଟ୍‌ରେ ଆଭୋକାଡୋକୁ ସାମିଲ୍ କରିବା ଦ୍ୱାରା ରକ୍ତରେ ଶର୍କରାସ୍ତର ଅଧିକ ବଢି ନଥାଏ। ଦିନକୁ ଅଧା ଆଭୋକାଡୋ ଖାଇବା ଦ୍ୱାରା ଶର୍କରାର ବୃଦ୍ଧିକୁ ନିୟନ୍ତ୍ରିତ କରାଯାଇପାରିବ। ନିୟମିତ ଖାଇବା ଦ୍ୱାରା ଏହା ପେଟର ଚର୍ବି ଓ ଅନ୍ତଃନଳୀରେ ଜମୁଥିବା ଚର୍ବିକୁ ମଧ୍ୟ କମ୍ କରିଥାଏ। ଅନ୍ତଃନଳୀରେ ଜମୁଥିବା ଚର୍ବି ମଧୁମେହର କାରଣ ସାଜିଥାଏ।

ଶରୀରରେ ପୋଷକ ତତ୍ତ୍ୱର ଅଭାବକୁ ଦୂରାଏ: ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଆଭୋକାଡୋ ଅଧିକ ଆଂଟି ଅକ୍ସିଡାଂଟ ଅବଶୋଷଣ କରିଥାଏ। ଆଭୋକାଡ୍ ସହ ଟମାଟୋ ସସ୍ ଓ ଗାଜରର ମିଶାଇ ଖାଇବା ଦ୍ୱାରା ଭିଟାମିନ୍ ଏ'ର ଅବଶୋଷଣ ବଢିଥାଏ, ଯାହା ଚର୍ମ, ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ମହତ୍ୱପୂର୍ଣ୍ଣ।

# ମେଥିରେ ରହିଛି ଅନେକ ଫାଇଦା



ଆମ ରୋଷେଇ ଘରେ ଏପରି ଅନେକ ଜିନିଷ ରହିଛି, ଯାହାକୁ ଖାଇବା ଦ୍ୱାରା ଆପଣ ନିଜ ସ୍ୱାସ୍ଥ୍ୟରେ ଉନ୍ନତି କରିପାରିବେ। ସେଥିମଧ୍ୟରୁ ଗୋଟିଏ ମେଥି। ଏହାକୁ ଖାଇବାର ଲାଭ ଉଭୟ ପୁରୁଷ ଏବଂ ମହିଳାଙ୍କୁ ମିଳିଥାଏ। ମେଥିରେ ଭିଟାମିନ୍, ମିନେରାଲ୍ସ, ଖଣିଜ, ପ୍ରୋଟିନ୍, ବସା, ପୋଟାସିୟମ୍, ମାଗ୍ନେସିୟମ୍, ଫସଫରସ୍, ସୋଡିୟମ୍, ଜିଙ୍କ୍, ଥାୟାମିନ୍ ଭିଟାମିନ୍ ବି ୬, ଭିଟାମିନ୍ କେ, ଫାଲେଟ୍ ଭଳି ତତ୍ତ୍ୱ ମିଳିଥାଏ। ଏହି ସମସ୍ତ ନ୍ୟୁଟ୍ରିଏଣ୍ଟ କୌଣସି ନା କୌଣସି ପ୍ରକାରରେ ସ୍ୱାସ୍ଥ୍ୟକୁ ଲାଭ ଦେଇଥାଏ। ଯଦି ମଧୁମେହ ରୋଗୀ ପ୍ରତ୍ୟେକ ଦିନ ମେଥି ଦାନା ଖାଆନ୍ତି, ତେବେ ସେମାନଙ୍କ ମଧୁମେହ ନିୟନ୍ତ୍ରଣରେ ରହିବ। ବର୍ତ୍ତମାନ ଶରୀରର ବଢୁଥିବା ଓଜନକୁ ନେଇ ସମସ୍ତେ ଚିନ୍ତିତ, ଏପରି ପରିସ୍ଥିତିରେ ଏହାକୁ ଖାଇବା ଲାଭଦାୟକ ହେବ। ମେଥି ଶୀଘ୍ର ଚର୍ବି ହ୍ରାସ କରିବ। ଯେଉଁମାନେ ହାଇପର-ଏସିଡିଟି ସମସ୍ୟାରେ ପୀଡିତ ସେମାନଙ୍କ ପାଇଁ ମେଥି ଦାନା ଏକ ରାମବାଣ ପରି। ଏହାର ନିୟମିତ ବ୍ୟବହାର ଏସିଡିଟି ସମସ୍ୟା ଏବଂ ହଜମ ଜନିତ ସମସ୍ୟାକୁ କମ୍ କରିଥାଏ। ଏଥି ସହିତ ମେଥିର ପାଣି ମଧ୍ୟ ଆପଣଙ୍କ ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ମେଥି ଦାନା ନୂତନ ମା'ମାନଙ୍କୁ ଖାଇବା ଜରୁରୀ। ଏଥିରେ ଫାଇଟୋଷ୍ଟ୍ରୋଜେନ୍ ଥାଏ ଯାହାକି ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ପାଇଁ ଲାଭଦାୟକ ହୋଇଥାଏ। ଏହାଦ୍ୱାରା ଶିଶୁର ଓଜନ ମଧ୍ୟ ବଢିଥାଏ।

# ନବମ ଜାତୀୟ ଶିଖର ସମ୍ମିଳନୀକୁ ଉଦଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା




ପୁରୀ, (ଭିଓଭି): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପକ୍ଷରୁ ଓଡ଼ିଶାର ପୁରୀଠାରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଉତ୍ତମ ଓ ଅନୁକରଣୀୟ ଅଭ୍ୟାସ ଓ ଉଦ୍ଭାବନ ସମ୍ପର୍କିତ ନବମ ଜାତୀୟ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମାନଜନକ କାର୍ଯ୍ୟକ୍ରମ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ସେମାନଙ୍କର ଅଭିନବ ଅଭ୍ୟାସ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଣ ବୃଦ୍ଧି ଉଦ୍ଦେଶ୍ୟରେ ପ୍ରଭାବଶାଳୀ ରଣନୀତି ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ । ନବମ ଜାତୀୟ ଶିଖର ସମ୍ମିଳନୀକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଉଦଘାଟନ କରିଛନ୍ତି । ନଡ୍ଡାଙ୍କ ବ୍ୟତୀତ ଏଥିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ/ପ୍ରମୁଖ ସଚିବ, ମିଶନ ନିର୍ଦ୍ଦେଶକ, ବରିଷ୍ଠ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ନୋଡାଲ ଅଧିକାରୀ (ଏନ୍‌ଏଚ୍‌ଏମ୍ ଅଧିକାରୀ) ଏବଂ ମନ୍ତ୍ରଣାଳୟ, ଏନ୍‌ଏଚ୍‌ଏସ୍‌ଆରସି ଏବଂ ଆରଆରସି-ଏନଇର ବରିଷ୍ଠ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ୨୦୧୩ ମସିହାରେ ଏହାର ଆରମ୍ଭ ପରଠାରୁ ଏହି ଜାତୀୟ ସମ୍ମିଳନୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଜ୍ଞାନ ଆଦାନପ୍ରଦାନ ଏବଂ କ୍ରସ୍-ଲର୍ଣ୍ଣିଂକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବାର୍ଷିକ ପ୍ରୟାସରେ ପରିଣତ ହୋଇଛି । ବର୍ଷ ବର୍ଷ ଧରି, ଏହା ସଫଳତାର ସହ ଅଗ୍ରଣୀ ପଦକ୍ଷେପ ସଂପର୍କିତ ସୂଚନା ପ୍ରସାରଣ କରିଛି ଯାହା ଭାରତର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି । ଏହା ପୂର୍ବରୁ ୨୦୨୨ ମେ' ମାସରେ ଗୁଜରାଟର କେଭାଡିଆଠାରେ ଚିନ୍ତନ ଶିବିର ସହ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉତ୍ତମ ଏବଂ ଅନୁକରଣୀୟ ଅଭ୍ୟାସ ଏବଂ ନବୋନ୍ମେଷ ଉପରେ ବାର୍ଷିକ ଜାତୀୟ ନବୋନ୍ମେଷ ସମ୍ମିଳନୀ ଆୟୋଜନ କରିଛି । ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଜନସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ପାଇଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ଦ୍ୱାରା ଗ୍ରହଣ କରାଯାଇଥିବା ସର୍ବୋତ୍ତମ ଅଭ୍ୟାସ ଏବଂ ନବସୃଜନର ପ୍ରଦର୍ଶନ ଏବଂ ଦସ୍ତାବିଜ ପ୍ରସ୍ତୁତ କରିବା । ଏହି ପଦକ୍ଷେପ ୨୦୧୩ରେ ଆରମ୍ଭ ହୋଇଥିଲା, ପୂର୍ବରୁ ସାତଟି ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଅଷ୍ଟମ ଶିଖର ସମ୍ମିଳନୀ, ଚିନ୍ତନ ଶିବିର ସହିତ, ମେ ୨୦୨୨ ରେ ଗୁଜରାଟର କେଓ୍ୱଡିଆରେ ଅନୁଷ୍ଠିତ ହୋଇଥିଲା ।

# କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ ହେବ ଅଷ୍ଟମ ବେତନ



ନୂଆଦିଲ୍ଲୀ,(ଭିଓଭି) ଭାରତ ସରକାର ନିକଟରେ ଅଷ୍ଟମ ବେତନ କମିଶନ ଗଠନ ଘୋଷଣା କରିଛନ୍ତି, ଯାହା ପ୍ରାୟ ୫୦ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୫ ଲକ୍ଷ ପେନସନଭୋଗୀଙ୍କୁ ଦରମା ଏବଂ ପେନସନରେ ବୃଦ୍ଧି ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏହି କମିଶନ ୧ ଜାନୁଆରୀ, ୨୦୨୬ ରୁ କାର୍ଯ୍ୟକାରୀ ହେବାର ସମ୍ଭାବନା ଅଛି, କିନ୍ତୁ ଏହାର ଗଠନ ଏବଂ କାର୍ଯ୍ୟାନ୍ୱୟ ପ୍ରକ୍ରିୟା ଏପର୍ଯ୍ୟନ୍ତ ଜାରି ରହିଛି । ଅଷ୍ଟମ ବେତନ କମିଶନ ୧୭ ଜାନୁଆରୀ ୨୦୨୫ରେ ଘୋଷଣା କରାଯାଇଥିଲା ଏବଂ ଏହାର ଗଠନ ପ୍ରକ୍ରିୟା ଏପ୍ରିଲ ୨୦୨୫ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି । ଏହି କମିଶନ ୧ ଜାନୁଆରୀ ୨୦୨୬ ରୁ ଅର୍ଥାତ୍ ସପ୍ତମ ବେତନ କମିଶନ ଶେଷ ହେବା ପରେ କାର୍ଯ୍ୟକାରୀ ହେବ । ତଥାପି, କିଛି ରିପୋର୍ଟରେ ଏହାର କାର୍ଯ୍ୟାନ୍ୱୟରେ ବିଳମ୍ବ ହେବାର ସମ୍ଭାବନା ମଧ୍ୟ ପ୍ରକାଶ ପାଇଛି । ଫିଟମେଣ୍ଟ ଫ୍ୟାକ୍ଟର ହେଉଛି ବେତନ କମିଶନ ଦ୍ୱାରା ସ୍ଥିର କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ, ଯାହା ଦରମା ବୃଦ୍ଧି ନିର୍ଣ୍ଣୟ କରେ । ସପ୍ତମ ବେତନ କମିଶନରେ ଫିଟମେଣ୍ଟ ଫ୍ୟାକ୍ଟର ୨.୫୭ ଥିଲା, ଯାହା ଫଳରେ ଦରମାରେ ହାରାହାରି ୨୩.୫୫ ପ୍ରତିଶତ ବୃଦ୍ଧି ଘଟିଥିଲା । କିଛି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଷ୍ଟମ ବେତନ କମିଶନରେ ଫିଟମେଣ୍ଟ ଫ୍ୟାକ୍ଟର ୨.୨୮ ରୁ ୨.୮୬ ମଧ୍ୟରେ ହୋଇପାରେ, ଯାହା ଫଳରେ ଦରମାରେ ୪୦-୫୦ ପ୍ରତିଶତ ବୃଦ୍ଧି ହେବାର ସମ୍ଭାବନା ରହିଛି । ଫିଟମେଣ୍ଟ ଫ୍ୟାକ୍ଟରକୁ ଆଧାର କରି, କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମାରେ ଯଥେଷ୍ଟ ବୃଦ୍ଧି ପାଇବାର ଆଶା କରାଯାଉଛି । ଯଦି ଫିଟମେଣ୍ଟ ଫ୍ୟାକ୍ଟର ୨.୮୬ ହୁଏ, ତେବେ ସର୍ବନିମ୍ନ ମୌଳିକ ଦରମା ପ୍ରାୟ ୫୧,୪୮୦ ଟଙ୍କାରେ ପହଞ୍ଚିପାରିବ । ସେହିପରି, ପେନସନଭୋଗୀମାନେ ମଧ୍ୟ ପେନସନ ବୃଦ୍ଧିର ଲାଭ ପାଇବେ, ଯାହା ସେମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବ ।

# ଓ୍ୱାକଫ୍ ବିଲରେ ହେବ ସଂଶୋଧନ: କେନ୍ଦ୍ର ଦେଲା ମଞ୍ଜୁରୀ



ନୂଆଦିଲ୍ଲୀ(ଭିଓଭି): ଓ୍ୱାକଫ୍ ବିଲରେ ହେବ ସଂଶୋଧନ । ଜେପିସି ରିପୋର୍ଟ ଅନୁଯାୟୀ ବିଲରେ ପରିବର୍ତ୍ତନ ହେବ ବୋଲି ଶୁଣିବାକୁ ମିଳୁଛି । ଏହାକୁ କେନ୍ଦ୍ର କ୍ୟାବିନେଟରୁ ମଞ୍ଜୁରୀ ବି ମିଳିଛି । ଓ୍ୱାକଫ୍ ବିଲକୁ ନେଇ ମିଳିତ ସଂସଦୀୟ କମିଟିର ପରାମର୍ଶ କ୍ରମେ ବିଲରେ ୧୪ ଟି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି ।ଅଧ୍ୟାଦେଶ ଜରିଆରେ ଏସବୁ ସଂଶୋଧନ କରାଯିବ । ବିଲରେ ମୋଟ ଉପରେ ୬୬ ଟି ପରିବର୍ତ୍ତନ କରିବାକୁ ଜେପିସି କମିଟି ସୁପାରିସ କରିଥିଲା । ସେଥିରୁ ବିରୋଧୀ ଦେଇଥିବା ୪୪ଟି ପ୍ରସ୍ତାବ ନାକଚ ହୋଇଯାଇଛି । ବିଜେପି ଏବଂ ସହଯୋଗୀ ଦଳ ଦେଇଥିବା ୨୩ ଟି ପ୍ରସ୍ତାବକୁ ଗ୍ରହଣ କରାଯାଇଛି ।କମିଟିରେ ୧୬ଜଣ ବିଜେପି ଓ ସହଯୋଗୀ ଦଳଙ୍କ ସାଂସଦ ଥିବା ବେଳେ ୧୦ ଜଣ ବିରୋଧୀ ସାଂସଦ ଅଛନ୍ତି । ସଂଶୋଧନରେ ଓ୍ୱାକଫ ବୋର୍ଡରେ ଅଣମୁସଲିମଙ୍କୁ ନୋମିନେଟ କରିବାର ବ୍ୟବସ୍ଥା ରହିଛି । ଏଥିସହ ଅତି କମରେ ଦୁଇ ଜଣ ମହିଳାଙ୍କୁ ବୋର୍ଡରେ ରଖିବାକୁ ନିଷ୍ପତ୍ତି ହୋଇଛି ।

# ବାଲି ମାଫିଆଙ୍କୁ ଚେତାବନୀ : ଅମାନିଆ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ


ରାଉରକେଲା(ଭିଓଭି): ରାଜ୍ୟରେ ବାଲି ମାଫିଆମାନେ ମାତିଛନ୍ତି । ସରକାରୀ ସଂପତ୍ତି ଲୁଟ୍ କରି ମାଫିଆମାନେ ବ୍ୟକ୍ତିଗତ ଭାବେ ଲାଭବାନ ହେଉଛନ୍ତି । ଏମାନଙ୍କ ଉପରେ ସରକାର ନଜର ରଖିଛନ୍ତି । ତେଣୁ ବାଲି ମାଫିଆମାନେ ସାବଧାନ ହେବା ଦରକାର । ବାଲି ଚୋରଙ୍କୁ ଏଣିକି ଛଡା ଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ବାଲି ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇସାରିଛି । ଏଣିକି ବାଲି ଚୋରା ଚାଲାଣ ରୋକିବାକୁ ନୂଆ ଆଇନ ଅଣା ଯିବା ସହ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯିବ । ଆଗରୁ ବାଲି ଖାଦାନ ରାଜସ୍ୱ ବିଭାଗ ଅଧୀନରେ ଆସୁଥିଲା । ପୂର୍ବ ସରକାର ଏହାକୁ ମାଇନ୍ସ ବିଭାଗକୁ ଆଣିଲେ । ରାଜ୍ୟ ସରକାର ଏବେ ମାଇନ୍ସ ବିଭାଗରେ କର୍ମଚାରୀ ଅଭାବକୁ ଦୂର କରିବା ସହ ନୂଆ ଇନ୍‌ଫ୍ରାଷ୍ଟ୍ରକଚର ତିଆରି ପାଇଁ ଲାଗିଛନ୍ତି ।ରାଜସ୍ୱ ମନ୍ତ୍ରୀ କହିଛନ୍ତି, ରାଜ୍ୟର ୩୧୭ଟି ତହସିଲରେ ୨୭୧୧ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଛି । ସେଥିରେ ମୋଟ ୩୬୬୫ ଆରଆଇ, ୩୧୦୧ ଏଆରଆଇ ଓ ୨୭୮୯ ଅମିନ ନିଯୁକ୍ତି ହେବା କଥା । ମାତ୍ର ସାରା ରାଜ୍ୟରେ ଏବେ ମୋଟ ୨୫୬୪ ଆରଆଇ, ୧୫୩୨ ଏଆରଆଇ ଓ ୧୩୮୮ ଅମିନ ଅଛନ୍ତି । କଟକ ଜିଲ୍ଲାରେ ସର୍ବାଧିକ ୮୨ ଆରଆଇ ପଦବି ଖାଲି



ପଡ଼ିଥିବାବେଳେ ୧୦୭ ଏଆରଆଇ ଓ ୯୦ଟି ଅମିନ ପଦବି ଖାଲିପଡ଼ିଛି । ଗଞ୍ଜାମ ଜିଲ୍ଲାରେ ୭୩ ଆର୍‌ଆଇ, ୧୨୩ ଏଆରଆଇ ଓ ୧୪୩ଟି ଅମିନ ପଦବି ଖାଲି ପଡ଼ିଥିବା ବେଳେ ବଲାଙ୍ଗୀରରେ ୬୬ ଆରଆଇ, ୪୭ ଏଆର୍‌ଆଇ ଓ ୬୬ଟି ଅମିନ ପଦବି ଖାଲି ପଡ଼ିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ଏହି ପଦବି ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ଶୀଶ୍-ମହଲରେ ରହିବେନି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା

ନୂଆଦିଲ୍ଲୀ, (ଭିଓଭି): ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଅନ୍ୟମନ୍ତ୍ରୀମାନେ କେଉଁଠି ରହିବେ ସେ ନେଇ ଖୁବଶୀଘ୍ର ସ୍ପଷ୍ଟ ହୋଇଯିବେ, କାରଣ ପିଡବ୍ଲ୍ୟୁଡି ବିଭାଗ ଅଧିକାରୀଙ୍କ ବାସଭବନ ଚୂଡ଼ାନ୍ତ କାର୍ଯ୍ୟ ଶେଷ ହେବାକୁ ଯାଉଛି । ଦିଲ୍ଲୀ ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି) ଅନୁଯାୟୀ, ନୂଆ ମୁଖ୍ୟମନ୍ତ୍ରୀଙ୍କ ପାଇଁ ୩ରୁ ୪ଟି ବଙ୍ଗଳା ଚୟନ କରାଯାଇଛି । ଏହି ତିନିରୁ ଚାରିଟି ବଙ୍ଗଳା ମଧ୍ୟରୁ ଗୋଟିଏ ହେବ ଯେଉଁଠାରେ ନୂତନ ସିଏମ ରେଖା ଗୁପ୍ତା ରହିବେ । ତେବେ କୌଣସି ବଙ୍ଗଳାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସହମତି ହୋଇନାହିଁ । କିନ୍ତୁ ଏହା ସ୍ପଷ୍ଟ ଯେ ଚୂଡ଼ାନ୍ତ ହୋଇଥିବା ଏସବୁ ବଙ୍ଗଳା ମଧ୍ୟରେ କେଜ୍ରିଓ୍ୱାଲଙ୍କ କୁଖ୍ୟାତ ଶୀଶ ମହଲ ନାହିଁ । ଅର୍ଥାତ୍ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶୀଶ ମହଲରେ



ରହିବେ ନାହିଁ । ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେବା ପରେ ରେଖା ଗୁପ୍ତାଙ୍କୁ ଜେଡ୍ ବର୍ଗର ସୁରକ୍ଷା ଯୋଗାଇ ଦିଆଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଏବଂ ଆତିଶୀଙ୍କୁ ମଧ୍ୟ ସମାନ ସୁରକ୍ଷା ଦିଆଯାଇଥିଲା । ପିଡବ୍ଲ୍ୟୁଡି ଅଧିକାରୀଙ୍କ କହିବା ଅନୁଯାୟୀ, ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଖୁବଶୀଘ୍ର ସରକାରୀ ଆବାସ ଆବଣ୍ଟନ କରାଯିବ ।

# ସଂ ପା ଦ କୀ ୟ

## ଲିଙ୍ଗରାଜ ଓ ପିନାକ ଧନୁ

ମନ୍ଦିର ମାଳିନୀ ଭୁବନେଶ୍ୱର ଏକାମ୍ର କ୍ଷେତ୍ରର ଅଧିପତି ହେଉଛନ୍ତି ଦେବଦେବ ପ୍ରଭୁ ଲିଙ୍ଗରାଜ। ଏଠାକୁ ଦୈନିକ ଦେଶ ବିଦେଶରୁ ପ୍ରଭୁଙ୍କ ଦର୍ଶନ ପାଇଁ ଛୁଟି ଆସନ୍ତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। କିଏ ଭକ୍ତିର ଭାବ ନେଇ ପୂଜାର୍ଚ୍ଚନା ପାଇଁ ତ କେହି କେହି ଏହି ଐତିହାସିକ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ସବୁକୁ ଦେଖିବା ପାଇଁ। ହେଲେ କେହି କେବେ ମନ୍ଦିର ଚୂଡ଼ା ଉପରେ ଥିବା ପିନାକ ଧନୁ ଉପରେ ବିଶେଷ ଆଲୋଚନା କରିବା କଥା ଶୁଣାଯାଇନି। ଅନ୍ୟ ସମସ୍ତ ଶିବ ମନ୍ଦିର ଉପରେ ତ୍ରିଶୂଳ ରହୁଥିବା ବେଳେ ଏଠାରେ ରହିଛି ଏକ ଧନୁ। ଏହି ଧନୁ ସହ ମନ୍ଦିର ଚୂଡ଼ାରେ ବାନା ଉଡୁଥିବାର ଦେଖାଯାଇଥାଏ। ପୌରାଣିକ ଓ ଲୋକକଥା ଅନୁସାରେ ଆମେ ଜାଣିବା, କାହିଁକି ଏଠାରେ ରହିଛି ଧନୁ ଓ ଏହାର ବିଶେଷତ୍ୱ କଣ? ଏହା କେବଳ ଏକ ଶୈବ ପୀଠ ନୁହେଁ ବରଂ ଏହା ହେଉଛି ହରି ଆଉ ହରଙ୍କ ପୀଠ। ଅର୍ଥାତ ଶିବ ଏବଂ ବିଷ୍ଣୁଙ୍କର ପୀଠ ହେଉଛି ଲିଙ୍ଗରାଜ କ୍ଷେତ୍ର। ହରି ଓ ହରଙ୍କ ପୀଠ ହୋଇଥିବାରୁ ମନ୍ଦିର ଚୂଡ଼ାରେ ତ୍ରିଶୂଳ ସ୍ଥାନରେ ଧନୁ ଲଗାଯାଇଛି। ଯାହା ଶିବଙ୍କର ପିନାକ ଧନୁ ବୋଲି ବିଶ୍ୱାସ ରହିଛି। ଦଧିନଉତିରେ ଥିବା ଏହି ଧନୁ ମନ୍ଦିର ନିର୍ମାଣ ବେଳରୁ ରହିଥିବା କୁହାଯାଏ। ତଥ୍ୟ ଅନୁସାରେ ଅଷ୍ଟଧାତୁରେ ତିଆରି ଏହି ଧନୁର ଉଚ୍ଚତା ପ୍ରାୟ ୧୬ଫୁଟ ଏବଂ ଓସାର ୪ଫୁଟ। ଦଧିନଉତି କଳସଟି ୬ଫୁଟ ଉଚ୍ଚତାର ହୋଇଥିବା ବେଳେ ଏହା ଉପରକୁ ଧନୁଟି ପ୍ରାୟ ୮ଫୁଟ ରହିଛି। ବାଲ୍ମିକୀ ରାମାୟଣ ଅନୁସାରେ ପିନାକ ହେଉଛି ଶିବଙ୍କ ଧନୁ। ଯାହାକୁ କେବଳ ପ୍ରଳୟ ଲାଗି ବ୍ୟବହାର କରାଯାଏ। ଭଗବାନ ଦେବେନ୍ଦ୍ର ଦୁଇଟି ସମାନ କ୍ଷମତାର ଧନୁ ତିଆରି କରି ଗୋଟିଏ ଶିବ ଓ ଅନ୍ୟଟି ବିଷ୍ଣୁଙ୍କୁ ଭେଟି ଦେଇଥିଲେ। କହିଲେ ଦୁହେଁ ଏଥିରେ ଯୁଦ୍ଧ କରନ୍ତୁ, କେଉଁ ଧନୁଟି ଅଧିକ ଶକ୍ତିଶାଳୀ ତାହା ଜଣାପଡ଼ିବ। ହେଲେ ଦୁହେଁ ଯୁଦ୍ଧ କରିବା ପୂର୍ବରୁ ଶୂନ୍ୟବାଣୀ ହେଲା ଯେ ଯୁଦ୍ଧ କଲେ ବିଶ୍ୱ ବ୍ରହ୍ମାଣ୍ଡର ବିନାଶ ହୋଇଯିବ। ତେଣୁ ଶିବ ନିଜ ଧନୁକୁ ଫିଙ୍ଗି ଦେବାରୁ ତାହା ଆସି ପୃଥିବୀ ପୃଷ୍ଠରେ ପଡ଼ିଲା। ତେବେ ଏହାକୁ ନେଇ ଅନେକ କିମ୍ବଦନ୍ତୀ କଥା ରହିଛି। ଏଥିରୁ ଏକ କଥା ଅନୁସାରେ ଏହି ଧନୁ ଦୁଇଟିକୁ ବିଶ୍ୱକର୍ମା ତିଆରି କରିଥିଲେ। ଶିବଙ୍କ ଧନୁର ନାଁ ପିନାକ ଏବଂ ବିଷ୍ଣୁଙ୍କ ଧନୁର ନାଁ ଥିଲା ସାରଙ୍ଗ। ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର, ଶିବ ଲିଙ୍ଗ ଏବଂ ଶକ୍ତି ସହ ଚୂଡ଼ାରେ ଲାଗିଥିବା ଏହି ଧନୁକୁ ନେଇ ବିଭିନ୍ନ କଥା ଶୁଣିବାକୁ ମିଳେ। କେହି କେହି କୁହନ୍ତି ତ୍ରିଶୂଳ ଅଧା ଭାଙ୍ଗିଯିବା ପରେ ଏହା ଧନୁ ହୋଇଛି ତ, ଆଉ କେହି କୁହନ୍ତି ପ୍ରଥମେ କେବଳ ଶୈବ କ୍ଷେତ୍ର ଥିବା ବେଳେ ମନ୍ଦିର ଚୂଡ଼ାରେ ତ୍ରିଶୂଳ ଥିଲା ପରେ ହରିହର କ୍ଷେତ୍ର ହେବା ପରେ ଏଠାରେ ଧନୁ ସ୍ଥାପିତ କରାଯାଇଛି। ହେଲେ ଏବେବି ଏହାର ପ୍ରକୃତ ରହସ୍ୟ ଭେଦ କରିବା ସମ୍ଭବ ହୋଇନାହିଁ।



ଜ୍ୟୋନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୬୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଖାଣ୍ଟି ଓଡିଆ (କଟିକିଆ) ଗୀତ ଓ ସଂଗୀତର ଦୁଇ ସଫଳ ସ୍ରଷ୍ଟା

ସତ୍ୟ ଦାସ

ଓଡ଼ିଶା ଏମିତି ଏକ ରାଜ୍ୟ, ଯେଉଁଠି ଓଡ଼ିଆ ଭାଷା ଯଦିଓ ପ୍ରଚଳିତ ହୋଇଥାଏ, ତେବେ ଏହି ଓଡ଼ିଆ ଭାଷା, ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ କଥନ ଶୈଳୀ ହେତୁ, ସାମାନ୍ୟ ଅଲଗା ଲାଗିଥାଏ। ଏଇ ଯେମିତି ଓଡ଼ିଶାର ଦକ୍ଷିଣାଞ୍ଚଳରେ ଓଡ଼ିଆ ଭାଷାର ଉଚ୍ଚାରଣ ଅଲଗା ହେଉଥିବାବେଳେ, ଉତ୍ତର ଓଡ଼ିଶାରେ ଆଉ ଏକ ରକମର ଓଡ଼ିଆ କଥନ ଶୈଳୀ ପରିଲକ୍ଷିତ ହୋଇଥାଏ। ଠିକ୍ ସେମିତି ପଶ୍ଚିମ ଓଡିଶାର ଓଡ଼ିଆ ଭାଷାର କଥନ ଶୈଳୀ ଅଉ ଏକ ରକମର ହୋଇଥିବା ବେଳେ, ପୂର୍ବ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଯାଇଥାଏ। ସେ, ଯାହାହେଉନା କାହିଁକି, ସାଧାରଣ ଭାବେ ବ୍ୟବହାର ହେଉଥିବା ବା ଲେଖାଯାଉଥିବା ଓଡ଼ିଆ ଭାଷାକୁ ଶୁଦ୍ଧ ଓଡ଼ିଆ ଭାଷା ଭାବେ ଓଡ଼ିଶା ବାସୀ ଗ୍ରହଣ କରିଥାଆନ୍ତି। ତେଣୁ ଆମର ପାଠ୍ୟ ପୁସ୍ତକଠାରୁ ଆରମ୍ଭ କରି, ଗଳ୍ପ କବିତା ଇତ୍ୟାଦି ଏହି ଶୁଦ୍ଧ ଓଡ଼ିଆ ଭାଷାରେ ହିଁ ଲେଖାଯାଇଥାଏ। ତେବେ, ପୂର୍ବାଞ୍ଚଳର କଥିତ, ଓଡ଼ିଆ ଭାଷା ମଧ୍ୟ ସାମାନ୍ୟ ଭିନ୍ନ ଭାବେ ପରିଲକ୍ଷିତ ହୋଇଥାଏ। ସେମିତି କଟକ ସହରରେ, କଟକିଆଙ୍କ କଥିତଭାଷା ମଧ୍ୟ ଏକ ବିସ୍ମୟ କର ଓଡ଼ିଆ ପରି ଲାଗେ।

ଏଇ ଯେମିତି, 'ମତେ' କୁ କଟକିଆମାନେ 'ମେତେ' ଉଚ୍ଚାରଣ କରୁଥିବା ବେଳେ, 'ତତେ' କୁ 'ତେତେ'। ଆଉ ଯାଇଥିଲି ବା ଯାଇଥିଲୁକୁ 'ଯାଇଥେଲ' ଓ ଖାଇଥିଲିକୁ 'ଖାଇଥେଲ' ବୋଲି କହିଥାନ୍ତି। ଏହି ସବୁ ଅଶବ୍ଦକୁ ନେଇ କେହି କେବେ ସାହିତ୍ୟ ବା ଗୀତ, କବିତା ରଚନା କରିଥିବାର ନଜିର ଖୁବ୍ କମ୍। ତେବେ ଏପରି ଶବ୍ଦକୁ ନେଇ, ପ୍ରଥମେ ଗୀତ କରିଥିବା ଓଡ଼ିଶାର ଏକମାତ୍ର ସଂଗୀତକାର ହେଉଛନ୍ତି, ସ୍ୱର୍ଗତଃ ଅକ୍ଷୟ ମହାନ୍ତି। 'ଉଡି ଉଡି ଉଡି, ଯା' ମୋ' ଗୁଡି – ଖା' ନା ଖା' ନା ତୁ କାନୀ..।' ଏବଂ 'ଏ ମୋ'ର ଲଟକମାଣି, ଏ ମୋ'ର ଲଟକମାଣି..।'

ଅକ୍ଷୟ ମହାନ୍ତିଙ୍କ ଏପରି ଗୀତ, ବା ସାହିତ୍ୟ ସୃଷ୍ଟି କରିବା ପଛରେ ଆଉ ଜଣେ କଟକିଆଙ୍କ ହାତଥିଲା। ଆଉ ସେ ହେଉଛନ୍ତି ସ୍ୱରୁପ୍ ନାୟକ।

ତାଙ୍କୁ, କଟକିଆ ଭାଷାର ଗନ୍ତାଘର କହିଲେ ଅତ୍ୟୁକ୍ତି ହେବନାହିଁ। ଏକଥା ଖାଲି ମୋର ନୁହେଁ, ବରଂ ସ୍ୱରୁପ୍ ନାୟକଙ୍କ ସହିତ ମିଶିଥିବା ଲୋକମାନେ ହିଁ କେବଳ ଜାଣିଥିବେ ଯେ, ସେ କଟକିଆ ଭାଷାକୁ କିପରି ଟିକେ ଟିକେ କଥାରେ ବ୍ୟବହାର କରିଥାଆନ୍ତି। ସ୍ୱରୁପ୍ ନାୟକଙ୍କ ଜନ୍ମ କଟକ ସହରର କାଫଲା୍ ଅଞ୍ଚଳରେ। ସେମାନେ ଚାରି ଭାଇ ଓ ଦୁଇ ଭଉଣୀ। ବଡଭାଇ ସାରଦା ପ୍ରସନ୍ନ ନାୟକ ଆକାଶବାଣୀ କଟକରେ ପ୍ରଥମେ ପ୍ରଯୋଜକ ଓ ପରେ ଷ୍ଟେସନ ଡାଇରେକ୍ଟର ଭାବେ ଅବସର ନେଇଥିଲେ। ସେ ଜଣେ ଉଚ୍ଚକୋଟୀର ଲେଖକ, ନାଟ୍ୟକାର, ଅଭିନେତା ଥିଲେ। ତାଙ୍କ ଭଉଣୀ, ଚପଳା ନାୟକ ଓରଫ ପାର୍ବତୀ ଘୋଷ, ମଧ୍ୟ ଜଣେ ଲବ୍ଧ ପ୍ରତିଷ୍ଠିତ ସିନେମା ଅଭିନେତ୍ରୀ ଥିଲେ। କଳା ଓ ସଂସ୍କୃତିରେ ବୁଡି ରହିଥିବା ପରିବାରରେ, ଜନ୍ମ ନେଇ ସ୍ୱରୁପ୍ ନାୟକ କେମିତିବା ନିଜକୁ କଳା ସଂସ୍କୃତି ଠାରୁ ଦୂରେଇ ରଖିଥାଆନ୍ତେ ? ସେ ପିଲାଟି ଦିନରୁ ନାଟକ, ଗୀତିନାଟ୍ୟ ପ୍ରତି ଆକୃଷ୍ଟ ଥିଲେ। ତେଣୁ ସାହିରେ ହେଉ ବା, ସ୍କୁଲରେ ହେଉ, ସେ ନାଟକରେ ଅଭିନୟ କରୁଥିଲେ। ନିଖୁଣ ଅଭିନୟ ଓ ବିଚକ୍ଷଣ ଉପସ୍ଥିତ ବୁଦ୍ଧି ତଥା ନିଜ ଅଭିନୟ ଚାତୁରୀ ବଳରେ ଦର୍ଶକଙ୍କ ହୃଦୟ ଛୁଉଁଥିଲେ। ଯୁବକ ଅବସ୍ଥାରେ, ତାଙ୍କର ବନ୍ଧୁତା ହୁଏ ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କ ସହିତ। ବୟସର ସାମାନ୍ୟ ତାରତମ୍ୟ ଥାଇ ମଧ୍ୟ ଉଭୟେ ଖୁବ୍ ସାଙ୍ଗ ହୋଇପଡିଥିଲେ। ଉଭୟଙ୍କ ଘର ପ୍ରାୟ ୨୦୦ରୁ ୩୦୦ ମିଟର ବ୍ୟବଧାନରେ ଥିଲା। ଅକ୍ଷୟ ମହାନ୍ତି ମଧ୍ୟ, ସ୍ୱରୁପ'ଙ୍କ ବଡଭାଇ, ସାରଦା ନାୟକଙ୍କୁ ଖୁବ୍ ଭକ୍ତି କରୁଥିଲେ। ସାରଦା ନାୟକ ମଧ୍ୟ ଅକ୍ଷୟ ମହାନ୍ତିଙ୍କୁ ଖୁବ୍ ସ୍ନେହ କରୁଥିଲେ। କାରଣ ସେ ସେତେବେଳକୁ ଓଡ଼ିଆ ସଂଗୀତକୁ ଏକ ନୂତନ ଦିଶା ଦେଇ ଚାଲିଥିଲେ। ଚିରାଚରିତ ଓଡ଼ିଶୀ, ଛାନ୍ଦ ଓ ଚମ୍ପୁରୁ ବାହାରି ଏକ ନୂତନ ସଂଗୀତ ଯୁଗର ଶୁଭାରମ୍ଭ କରୁଥିଲେ। ଯାହା ଆଜି ପର୍ଯ୍ୟନ୍ତ ଚାଲିଛି। ସେହି ସମୟରେ, ଅକ୍ଷୟ ମହାନ୍ତିଙ୍କ ଚିନ୍ତାଧାରାକୁ ଯଦିଓ ତତ୍କାଳୀନ ସଂଗୀତଜ୍ଞ ମାନେ ସହଜରେ ଗ୍ରହଣ କରି ପାରୁନଥିଲେ, ତେବେ ଓଡ଼ିଆ ଶ୍ରୋତା ଅକ୍ଷୟଙ୍କୁ ନିଜ ହୃଦୟରେ ବସାଇ ସାରିଥିଲେ। ସେହି ସଂଗୀତର ନୂତନ ଯୁଗ ପଛରେ, ଅକ୍ଷୟ ମହାନ୍ତିଙ୍କ ସହିତ ସାଥ ଦେଇଥିଲେ ସ୍ୱରୁପ୍ ନାୟକ। ଅକ୍ଷୟଙ୍କ ଚିନ୍ତାଧାରାକୁ ରୂପାୟନ କରିବା ପଛରେ ସ୍ୱରୁପ୍ ନାୟକଙ୍କ ଭୂମିକା ଥିଲା ଏକ ବରଦାନ। ସେ, ଉଡିଗଲେ ଗେଣ୍ଡାଳିଆ ଗୀତ ହେଉ କି, ସକାଳର ଗାଡ଼ି – ଯାଏ ଗଡି ଗଡ଼ି, ଗୀତ ହେଉ, କିମ୍ବା ଜାତକ ପଡିଛି ରାଜଜୋଟକ, ପରି ଆଧୁନିକ ଗୀତ ରଚନା ହେବାର ଅନ୍ତରାଳରେ, ପରୋକ୍ଷ ଭାବେ ଯେଉଁ ବ୍ୟକ୍ତିଙ୍କ ହାତଥିଲା, ସେ ହେଲେ ସ୍ୱରୁପ୍ ନାୟକ।

ସବୁବେଳେ କିଛି ନୂଆ କରିବାର ଚିନ୍ତାଧାରା ରଖୁଥିବା ସ୍ୱରୁପ୍ ନାୟକ, ଅକ୍ଷୟ ମହାନ୍ତିଙ୍କୁ ଅନେକ ନୂଆ ଗୀତ କରିବାର ପ୍ରେରଣା ଦେଉଥିଲେ। ଦୁଇ ବନ୍ଧୁଙ୍କ ବନ୍ଧୁତ୍ୱ ଥିଲା ଭାରି ନିବିଡ଼। ସକାଳ ହେଲେ, ସ୍ୱରୁପ୍ ନାୟକ ଚାଲିଚାଲି, ଚାଲି ଆସନ୍ତି ଅକ୍ଷୟ ମହାନ୍ତି'ଙ୍କ ଘରକୁ, ତା'ପରେ ଉଭୟେ ଏକାଠି ହୋଇ ବାହାରିପଡନ୍ତି କଟକ ସହର ଭିତରକୁ। କେବେ ମହାନଦୀ ତ କେବେ କାଠଯୋଡ଼ି କୂଳରେ ବସି ଖୁବ୍ ମନଖୋଲା ଗପସପ, କେବେ ପୁଣି ନୂଆ ଗୀତର ଧାଡି ଖୋଜା। ଖାଲି କଟକିଆ ଭାଷା ନୁହେଁ, ଏମିତିବି ହୋଇଛି, ଅକ୍ଷୟ ମହାନ୍ତିଙ୍କ ଗୀତରେ ସ୍ୱରୁପ୍ ନାୟକ, ଅଭିନୟ ମଧ୍ୟ କରିଥିଲେ। ସେ ଗୀତର ସୂତ୍ରଧର ମଧ୍ୟ ଥିଲେ ସ୍ୱରୁପ୍ ନାୟକ। 'କଳିଯୁଗ କୃଷ୍ଣ ମୁହିଁ, ତୁ ମୋ' ହୀରୋଇନ୍..।' ଅବା 'ବୋଉଲୋ ହେବି ନାହିଁ ବାହା..।' ପରେ ଧିରେ ଧିରେ ସ୍ୱରୁପ୍ ନାୟକ ମଧ୍ୟ ସିନେମାର ରୂପେଲି ପରଦା ଉପରେ ନିଜର ଯାଦୁ ଦେଖାଇ ଚାଲିଲେ। ଉଭୟଙ୍କ କାର୍ଯ୍ୟ ବ୍ୟସ୍ତତା ବଢିଚାଲିବା ସହିତ, ଦୂରତା ମଧ୍ୟ ବଢ଼ି ବଢି ଚାଲିଲା। ଏହା ପଛର କାରଣ ଯାହାବି ହେଉନା କାହିଁକି, ଉଭୟ ନିଜ ନିଜ ପ୍ରତିଭା ଓ ଅସ୍ତିତ୍ୱକୁ ପ୍ରତିପାଦନ କରିବାରେ ଲାଗିଲେ। ଉଭୟଙ୍କର ଦିଶା ମଧ୍ୟ ବଦଳିଗଲା। ଜଣେ ସଂଗୀତରେ ବୁଡ଼ି ରହିଲେତ, ଆଉଜଣେ ଅଭିନୟରେ ମଜିଗଲେ। ଏକଦା ସ୍ୱରୁପ୍ ନାୟକଙ୍କ ଜୀବନରେ ଏକ ଖରାପ ସମୟ ଆସିଥିଲା। ନା ଥିଲା ହାତରେ କିଛି କାମ ନା ଥିଲା ଧନ। ସ୍ୱାଭିମାନୀ ସ୍ୱରୂପ ନାୟକ କାହାରି ପାଖରେ ମୁଣ୍ଡ ନୁଆଁଇ ନଥିଲେକି, ନିଜର ସ୍ୱଭିମାନକୁ ଜଳାଞ୍ଜଳି ଦେଇନଥିଲେ। ସଦା ନିଜେ ହସୁଥିବା ଓ ଅନ୍ୟକୁ ହସାଉଥିବା ମଣିଷଟି ସେ ସମୟରେ ମଧ୍ୟ ଧୈର୍ଯ୍ୟ ଚ୍ୟୁତ ହୋଇନଥିଲେ ବରଂ ନିଜ ସମୟକୁ ଅପେକ୍ଷା କରିଥିଲେ। ଏପରିକି ସେ ଅକ୍ଷୟ ମହାନ୍ତିଙ୍କୁ ମଧ୍ୟ ନିଜର ଦୁଃଖ ଜଣାଇଁ ନଥିଲେ। ଶେଷରେ, ତାଙ୍କ ଜୀବନରେ ଏମିତି ଏକ ମୋଡ ଆସିଲା, ଗାୟକ ଶ୍ରୀକାନ୍ତ ଦାସ, ନିଜର ଦଶହରା ପୂଜା ଗୀତ ରେକର୍ଡ କରିବା ପାଇଁ, ଆସି ପହଞ୍ଚିଲେ ତାଙ୍କ ପାଖରେ। କାହାରିକୁ କେବେ ନାହିଁ କରିନଥିବା ଲୋକଟି କେମିତିବା ତାଙ୍କୁ ନାହିଁ କରିଥାଆନ୍ତେ? ଶ୍ରୀକାନ୍ତ ଦାସଙ୍କ ଅନୁରୋଧ କ୍ରମେ, କଟକି ଭାଷାରେ, ଗୋଟିଏ ଗୀତ ଲେଖିଥିଲେ। ହେଲେ ଗୀତଟିକୁ, ସ୍ୱର କରିବ କିଏ? ଶେଷରେ ସେ ନିଜେ ସ୍ୱର ଦେଇଥିଲେ। ଗୀତଟି ରେକର୍ଡ଼ିଂ ମଧ୍ୟ ହେଲା ଆଉ ଦଶହରାରେ ରିଲିଜ ମଧ୍ୟ ହେଲା। ଖାଲି, କଟକ କାହିଁକି, ସାରା ଓଡ଼ିଶାରେ ଚହଳ ପକେଇ ଦେଇଥିଲା ସେହି ଗୀତଟି।





ଗୀତଟି ଥିଲା, 'ବାଟ ଛାଡ, ଆସୁଛି ଦଶରା ବଜାର ମେଢ..।' ଗୀତଟିରେ ବ୍ୟବହାର ହୋଇଥିବା ଶବ୍ଦ ଗୁଡ଼ିକ ଶତ ପ୍ରତିଶତ କଟକିଆଙ୍କ ଦ୍ୱାରା ବ୍ୟବହାର ହେଉଥିବା ଭାଷାରେ ହିଁ ଲେଖାଯାଇଥିଲା। ତା'ପର ବର୍ଷ ମଧ୍ୟ ଦଶହରା ପାଇଁ ଶ୍ରୀକାନ୍ତ ଦାସଙ୍କ ଆଉ ଏକ ରେକର୍ଡ଼ ବାହାରିଲା। ଏଥର ମଧ୍ୟ ଗୀତଟି ସୁପର ଡୁପର ହିଟ୍ କଲା। 'ବୋଉଲୋ .., ନଖିନାନୀ ପୁଅ ଭଗିଆ..।' ତା'ପରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ରଙ୍କ ପାଇଁ ଏକ ଅନୁରୂପ ଗୀତ ଓ ଗୀତଟିର ସ୍ୱର ଦେଇ ବେଶ ଚର୍ଚ୍ଚାକୁ ଆସିଥିଲେ, ସ୍ୱରୁପ୍ ନାୟକ। 'ପାନ, ଗୁଆ, ଖଇର, ଗୁଆ କାତି; ଭଲ ବ୍ୟବସାୟ ରାଜନୀତି..।' ସେ, ଖାଲି ଜଣେ ଗୀତିକାର ନଥିଲେ, ଥିଲେ ମଧ୍ୟ ଜଣେ ବିଚକ୍ଷଣ ସ୍ୱରକାର। ଆରମ୍ଭ ହୋଇଥିଲା ସ୍ୱରୁପ୍ ନାୟକଙ୍କ ଆଉ ଏକ ସୁବର୍ଣ୍ଣ ଯୁଗର ଶୁଭାରମ୍ଭ। ତା'ପରେ ଭୁଲିଯାଇଥିବା ଓଡ଼ିଶାର ବଡ ବଡ ଚଳଚ୍ଚିତ୍ର ପ୍ରଯୋଜକ ମାନଙ୍କ ଲମ୍ବା ଲାଇନ ଲାଗିଲା ତାଙ୍କ ଘର ପାଖରେ। ସେ ଗୋଟିଏ ପରେ ଗୋଟାଏ ସଫଳ ଚଳଚ୍ଚିତ୍ର ସଂଗୀତ ଦେଇ ଚାଲିଲେ। ଏପରି ଜଣେ ଗୀତିକାର, ଯିଏକି ହାସ୍ୟରସ, ବିରହ, ବ୍ୟଙ୍ଗ, ଓ ସମାଜକୁ ଜାଗ୍ରତ କଲାପରି ଗୀତ ଲେଖିବାରେ ଥିଲେ ଅଦ୍ୱିତୀୟ। ପଶା ପାଲି ଓଲଟିଲା ପରି, ଅକ୍ଷୟ ମହାନ୍ତିଙ୍କର ଗୋଟିଏ ଚଳଚ୍ଚିତ୍ର ଆସିଲାବେଳେ, ସ୍ୱରୂପ ନାୟକଙ୍କ ଦୁଇ, ତିନୋଟି ସିନେମା ଏକଥରକେ ଆସିଥିଲା। ସେ ନିଜର ସ୍ୱତନ୍ତ୍ର ଚିନ୍ତାଧାରାର ଗୀତ ଓ ସଂଗୀତ ପରିବେଷଣ କରି ପୁଣିଥରେ ନିଜର ପ୍ରତିଭା ପ୍ରତିପାଦନ କରିବାର ସୁଯୋଗକୁ ହାତଛଡା କରିନଥିଲେ। ସେ 'ସୀତା ଲୋ, ଆଜି ଜଳୁଛି କାହାର ଚିତା ଲୋ ..' ହେଉ, କିମ୍ବା ମାତୃଭୂମି ପାଇଁ ଦେଶାତ୍ମବୋଧକ ଗୀତ 'ଓଡ଼ିଶା.. ମୋ' ଓଡ଼ିଶା..' ହେଉ, ଯାହା ତାଙ୍କର ପ୍ରତିଭାର ପରିଚୟ ଦେଇଥାଏ। ସ୍ୱରୁପ୍ ନାୟକଙ୍କ ଅନନ୍ୟ ଚିନ୍ତାଧାରା ଓ ନିଆରା ସୃଷ୍ଟି ଓଡ଼ିଶାର ସବୁ ସଂଗୀତଜ୍ଞ ବା ଲେଖକଙ୍କ ଠାରୁ ଅଲଗା ପରିଚୟ ଦେଇଛି।

ଯାହାକୁ କେହି କେବେ ସ୍ୱପ୍ନରେ ମଧ୍ୟ ଭାବିନଥାନ୍ତି, ସେମିତି ଚିନ୍ତାଧାରାକୁ ନେଇ ଏକ ଗୀତ ବା ସଂଗୀତ କରିବାର ପରିକଳ୍ପନା ଓ ଦୁଃସାହସ ଅକ୍ଷୟ ମହାନ୍ତିଙ୍କ ପରେ କେବଳ ସ୍ୱରୂପ ନାୟକହିଁ କରି ପାରୁଥିଲେ। ଏହି ମହାନ ସ୍ରଷ୍ଟା, ଲୋକପ୍ରିୟ ଅଭିନେତା, ତଥା ସମ୍ପୂର୍ଣ୍ଣ କଟକିଆ ମଣିଷଟି, ୨୦୨୩ ମସିହାରେ ନିଜର ସଂଗୀତ ଯାତ୍ରାର ପରିସମାପ୍ତି ଘଟାଇ, ଶେଷଯାତ୍ରା କରିଥିଲେ। ଆମ ରାଜ୍ୟ ଓଡ଼ିଆ ଭାଷା, କଳା ଓ ସଂସ୍କୃତିକୁ ଭଲ ପାଉଥିବା, ନିଆରା କଟକିଆ ମଣିଷଟିକୁ ହରାଇଲା ସତ, ହେଲେ ଯେତେଦିନ ପର୍ଯ୍ୟନ୍ତ, କଟକରେ ଦଶହରା, ଭସାଣି, ହେଉଥିବ, ସେତେଦିନ ପର୍ଯ୍ୟନ୍ତ ବାବୁଦା' ଓରଫ ସ୍ୱରୁପ୍ ନାୟକ ଜୀବିତ ଥିବେ, ତାଙ୍କ ସେଇ 'ବାଟ ଛାଡ ଆସୁଛି ଦଶରା ବଜାର ମେଢ଼..' ଗୀତର ମୁର୍ଚ୍ଛନା ଭିତରେ। କାଳଜୟୀ ସୃଷ୍ଟି ତାଙ୍କୁ ଅମରତ୍ୱ ଦେବ ଏଥିରେ ସନ୍ଦେହ ନାହିଁ।

କଟକ
ମୋ- ୯୮୬୧୦୬୩୭୯୦

# ଓଡ଼ଗାଁ ଡାକ୍ତରଖାନା ସଂଲଗ୍ନ ସାମ୍ନା ପାଚେରୀ ନିକଟରେ ଠେଲା ଗାଡି ବାଲାଙ୍କ ସ୍ଥାୟୀ ଅକ୍ତିଆର, ରୋଗୀ ଓ ସମ୍ପର୍କିୟଙ୍କ ଗାଡି ପାର୍କିଂ ଅସୁବିଧା

**ଓଡ଼ଗାଁ (ଆଦର୍ଶ କୁମାର ପଟ୍ଟନାୟକ):** ନୟାଗଡ ଜିଲା ଓଡ଼ଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସଂଲଗ୍ନ ମୁଖ୍ୟ ଫାଟକର ଉଭୟ ପାର୍ଶ୍ୱରେ ଥିବା ଖାଲି ସ୍ଥାନରେ କେତେକ ନାମକୁ ମାତ୍ର ଠେଲା ଗାଡି ବ୍ୟବହାର କରୁଥିବା କେତେକ ଫଳ, ଗୁପଚୁପ, ଦହିବରା ଓ ଜଳଖିଆ ବ୍ୟବସାୟୀ ସ୍ଥାୟୀ ଅକ୍ତିଆର କରିଥିବା ଦେଖିବାକୁ ମିଳିଥିଲା । ଏହାଦ୍ୱାରା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୈନିକ ଆସୁଥିବା ଶତାଧିକ ରୋଗୀ ସେମାନଙ୍କ ଗାଡି ମୋଟର ଏପରିକି ବାଇକ ପାର୍କିଂ କରିବା ନିମନ୍ତେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡାକ୍ତରଖାନା ଭିତରେ ନୂତନ ଦୁଇ ମହଲା ଅତ୍ୟାଧୁନିକ ହସପିଟାଲ କୋଠା ନିର୍ମାଣ ସହିତ କାର୍ଯ୍ୟକାରୀ ହେବା ପରେ ରୋଗୀ ଏବଂ ସର୍ମ୍ପକିୟ ମାନେ ସେମାନଙ୍କ ଗାଡି ମୋଟର ପାର୍କିଂ କରିବା ନିମନ୍ତେ ଭିତରେ କିମ୍ବା ବାହାରେ ଆଦୌ ସ୍ଥାନ ପାଉନଥିବା କାରଣରୁ ନାନା ଅସୁବିଧା ହେଉଛି । ଏପରିକିସ୍ଥଳେ ଡାକ୍ତରଖାନାର ମୁଖ୍ୟ ଫାଟକର ବାମ ପାର୍ଶ୍ୱରେ ଦୁଇ ଜଣ ଫଳ ବଳ ବ୍ୟବସାୟୀ ସେମାନଙ୍କ ଦୁଇ ତିନି ଲମ୍ୱା ସ୍ୱତନ୍ତ୍ର





ଭାବେ ନିର୍ମିତ ଟ୍ରଲି ସହିତ ଖାଲି ପ୍ଲାଷ୍ଟିକ ଟ୍ରେ ରଖି ଆବଶ୍ୟକତା ଠାରୁ ଢେର ଅଧିକ ସ୍ଥାନକୁ ମାସ ମାସ ଧରି ସ୍ଥାୟୀ ଭାବେ ଅକ୍ତିଆର କରିଥିବା ଦେଖିବାକୁ ମିଳିଥିଲା । ମୁଖ୍ୟ ଫାଟକର ଡାହାଣ ପାର୍ଶ୍ୱରେ କେତେକ ଠେଲା ବାଲାଙ୍କ ସମେତ ଜଳଖିଆ ଦୋକାନୀ ସେମାନଙ୍କ ମୋବାଇଲ ଭ୍ୟାନରେ ଦୋକାନ ଖୋଲି ଅନୁରୁପ ଢଙ୍ଗରେ ସ୍ଥାନ ଅକ୍ତିଆର କରିଥିବା ଜଣାଯାଇଛି । ଏତଦ୍ ବ୍ୟତୀତ ଡାକ୍ତରଖାନା ଶବ ବ୍ୟବଚ୍ଛେଦ ଗୃହ ଫାଟକ ସଂଲଗ୍ନ ତଥା ଏନଏସି ଶୌଚାଳୟ ସାମ୍ନାରେ ନିୟମିତୟ ଭାବେ ଦୁଇ ବେଳା ଅତ୍ୟନ୍ତ ଦୂଷିତ ପରିବେଶ ମଧ୍ୟରେ ଗୁପଚୁପ ଓ ଦହିବରା ବିକ୍ରି ହେଉଥିବା ଦୃଷ୍ଟି ଗୋଚର ହେଉଥିବା ଦେଖିବାକୁ ମିଳିଛି । ଏପରିକି ଶୌଚାଳୟ ଯିବାକୁ ମହିଳା ପୁରୁଷ କିମ୍ବା ଛାତ୍ରଛାତ୍ରୀ ଆଦୌ ରାସ୍ତା ପାଉନାହାନ୍ତି । ଏସବୁ କାରଣରୁ ଡ଼ାକ୍ତରଖାନାକୁ କିମ୍ବା ସ୍ଥାନୀୟ ବଜାରକୁ କୌଣସି କାରଣରେ ଆସୁଥିବା ବ୍ୟକ୍ତି ସେମାନଙ୍କ ଯାନ ବାହାନ ଠିଆ କରିବାକୁ ସ୍ଥାନ ପାଉନଥିବା ଦେଖିବାକୁ ମିଳିଛି । ଏପରିକି ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା 'ମୋ ପ୍ରିୟ ଓଡ଼ଗାଁ' ସାମ୍ନାରେ ମଧ ଠେଲା ଲଗାଇବାକୁ ପଛ ଘୁଂଚା ଦେଉନାହାନ୍ତି । ଏସବୁ କାରଣରୁ ଅସୁସ୍ଥତାବଶତଃ ଛୁଟିରେ ଥିବା ଏନଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ସଂପୃକ୍ତ ସ୍ଥାନା ଖାଲି କରିବା ସହିତ ସେଠାରେ ନୋ ଭେଣ୍ଡିଂ ଜୋନ ଘୋଷଣା କରି ଲିଫ ଲେଟ ମାରିବା ସହିତ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ । ହେଲେ କିଛି ଦିନ ଠେଲା ବାଲା ବ୍ୟବସାୟୀ ମାନେ ଅନ୍ୟତ୍ର ବ୍ୟବସାୟ କରିବାପରେ ନୋ ଭେଣ୍ଡିଂ ଜୋନ ଲିଫ ଲେଟ ବାହାରକରି ଜଣେ ଜଣେ ହୋଇ ପୁଣି ପୂର୍ବବତ୍ ସେହି ସ୍ଥାନ ଦଖଲ କରିଥିବା ଦେଖିବାକୁ ମିଳିଛି । ଏପରିକି କୌଣସି ବ୍ୟକ୍ତି ସେମାନଙ୍କ ଠେଲା ସାମନାରେ ବାଇକ କିମ୍ବା ଗାଡି ଠିଆ କଲେ ଦୁର୍ବବ୍ୟବହାରର ସମ୍ମୁଖୀନ ହେବାକୟୁ ପଡୁଛି । ଏନେଇ ଡାକ୍ତରଖାନା କତୃପକ୍ଷ କିମ୍ବା ପୋଲିସ ନୀରବତା ଅବଲମ୍ବନ କରିବା କାରଣରୁ ସାଧାରଣ ଜନତା ହଇରାଣ ହେଉଥିବା ଆଲୋଚନା ହେଉଛି । ଏପରିସ୍ଥଳେ ଏନଏସି ନିର୍ବାହୀ ଅଧିକାରୀଙ୍କ ଭାରପ୍ରାପ୍ତ ଦାୟିତ୍ୱ ବହନ କରିଥିବା ସ୍ଥାନୀୟ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କୁ ଏ ସମ୍ପର୍କରେ ଦୃଷ୍ଟି କରିବାର ଏକ ସପ୍ତାହ ବିତି ଯାଇଥିଲେ ସୁଦ୍ଧା ସେ ଦେଇଥିବା ପ୍ରତିଶୃତି ରକ୍ଷା କରିବାରେ କୋଣସି କାରଣରୁ ବିଳମ୍ବିତ ହୋଇଛି । ଅନ୍ୟପକ୍ଷେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଯଧିକାରୀ ଡାକ୍ତର ନିଳାଂଜନ ଦାସଙ୍କୁ ପଚାରିବାରେ ସେ ଏନେଇ ଏନଏସି ଓ ପୋଲିସ କତୃପକ୍ଷଙ୍କ ସେ ସ୍ଥାନ ଖାଲି କରାଇବାକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିବେ ବୋଲି କହିଛନ୍ତି ।

## ଓଡ଼ଗାଁ ଏନଏସି : କାର୍ଯ୍ୟାଳୟରେ କର୍ମଚାରୀଙ୍କ ସିଟ ଖାଲି

# ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶକୁ ଖୋଲା ଉଲଙ୍ଘନ

ଓଡ଼ଗାଁ ୨।୧।୨ (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ ଜିଲା ଓଡ଼ଗାଁରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅବସ୍ଥାପିତ ରହିଥିବା କର୍ମଚାରୀ ନିୟମିତ ଭାବେ କାର୍ଯ୍ୟାଳୟକୁ ଆସୁନଥିବା ନେଇ ୧୭ ତାରିଖରେ ଧରିତ୍ରୀ ସମେତ କେତେକ ଗଣ ମାଧ୍ୟମରେ ପ୍ରକାଶ ପାଇବାର ସପ୍ତାହେ ନପୁରୁଣୁ ସ୍ଥାନୀୟ ଏନଏସି ଅଫିସରେ ସମାନ ପରିସ୍ଥିତି ଦେଖିବାକୁ ମିଳଛି । ଏହି ରିପୋର୍ଟ ପ୍ରକାଶ ପାଇବା ପରେ ସବ ରେଜିଷ୍ଟ୍ରାର ଅଫିସର ସମସ୍ତ କର୍ମଚାରୀଙ୍କୁ ଭାରପ୍ରାପ୍ତ ଅଧିକାରୀ ତଥା ତହସିଲଦାର ତାଗିଦ କରିଥିବା ବେଳେ ଆଗୁଆ ସତର୍କତା ନିମନ୍ତେ ସ୍ଥାନୀୟ ଏନଏସି ଓ ବ୍ଲକ ଦାୟିତ୍ୱରେ ରହିଥିବା ବିଡିଓ କର୍ମଚାରୀଙ୍କୁ ସକାଳ ସାଢେ ୧୦ ପୂର୍ବରୁ ଅଫିସରେ ଯୋଗ ଦେବା ସହିତ ସାଢେ ୫ଟା ପୂର୍ବରୁ ଅଫିସ ନଛାଡିବା ନିମନ୍ତେ ଗୁରୁବାର ଏକ ନିର୍ଦ୍ଦେଶନାମା ଜାରୀ କରିଥିଲେ । ଏପରିକି ସମସ୍ତ କର୍ମଚାରୀ ଅଫିସ ନୋଟିସ ବୋର୍ଡରେ ମରାଯାଇଥିବା ବିଜ୍ଞପ୍ତି ତଳେ ନିଜ ନିଜର ଦସ୍ତଖତ ଦେଇଥିବା ଦେଖିବାକୁ ମିଳିଛି । ହେଲେ ବିଡିଓ ତଥା ଏନଏସି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ ଗୁରୁବାର ନିର୍ଦ୍ଦେଶନାମା ଜାରୀ କରିଥିବା ବେଳେ ଶୁକ୍ରବାର ଦିନ ୧୧ ଟା ବେଳେ ଅର୍ଥାତ ନିର୍ଦ୍ଦେଶନାମା ଜାରୀ ହେବାର ୨୪ ଘଂଟା ନପୁରୁଣୁ କର୍ମଚାରୀ ମାନେ ଏହାର ଖୋଲା ଖୋଲି ଉଲଙ୍ଘନ କରିଥିବା ଦେଖିବାକୁ ମିଳିଛି । ଅର୍ଥାତ ଶୁକ୍ରବାର ଦିନ ୧୧ ଟା ପର୍ଯ୍ୟନ୍ତ ଏନଏସି ଅଫିସରେ ଅଧାରୁ ଅଧିକ କର୍ମଚାରୀ ଓ ଅଧିକାରୀ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା । ଜଣେ ସ୍ଥାନୀୟ ସଚେତନ ନାଗରୀକ ଏନେଇ ଭିଡିଓ ଉତୋଳନ କରିବା ସହିତ ଏନେଇ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟପକ୍ଷେ ଏହି କାର୍ଯ୍ୟାଳୟରେ ୬୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ଜଣେ ଦୁଇ ଜଣଙ୍କ ବ୍ୟତୀତ ସମସ୍ତ କର୍ମଚାରୀ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତି ପାଇଥିବା ଜଣାଯାଇଛି । ଏପରିକି ବିଗତ ସରକାର ସମୟରେ ଅନେକ ଦଳୀୟ କର୍ମୀଙ୍କୁ ଥଇଥାନ କରିବା ନିମନ୍ତେ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଥିଲା । ଏପରିସ୍ଥଳେ ସେମାନେ ତଥା କଥିତ ଢଙ୍ଗରେ ଅଫିସକୁ ଯିବା ଆସିବା କରୁଥିବା ବେଳେ ଅଧିକାରୀଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ ଦେଉନଥିବା ଜଣେ ନିୟମିତ କର୍ମଚାରୀ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ବିଡିଓ ନାୟକଙ୍କ ମତାମତ ନେବାରେ ସେ ଏନେଇ ସମସ୍ତ ଭଡିଓ କ୍ଲିପ ଦେଖିଥିବା ବେଳେ ସେମାନଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ପ୍ରଥମତଃ ଦିନକର ଦରମା କାଟିବେ ବୋଲି କହିଛନ୍ତି ।

# ଯୁବ ମନ୍ଦିର ଶିଳ୍ପି ସମ୍ବର୍ଦ୍ଧିତ

ଓଡ଼ଗାଁ(ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ ଜିଲା ଓଡ଼ଗାଁ ବିଭିନ୍ନ ଅଂଳର ମନ୍ଦିର ଶିଳ୍ପୀ ସେମାନଙ୍କ ମନ୍ଦିର ନିର୍ମାଣ ଶୈଳୀ ଓ କାରୁକାର୍ଯ୍ୟ ନିମନ୍ତେ ରାଜ୍ୟ ତଥା ଦେଶରେ ବେଶ ଜଣାଶୁଣା । ଏହି ସ୍ଥଳରେ ସ୍ଥାନୀୟ ଛାମୁ ସାହିର ଯୁବ ମନ୍ଦିର ଶିଳ୍ପୀ ଦିଲିପ କୁମାର ଦାସଙ୍କୁ ଯାଜପୁର ଜିଲା ରାମଚନ୍ଦ୍ର ପୁର (ବିଞ୍ଝାରପୁର) ଓଁ ଶ୍ରୀଶ୍ରୀ ବାବା ଆଖଣ୍ଡଳମଣି ମନ୍ଦିର ପ୍ରତିଷ୍ଠା କମିଟି- ୨୦୨୫ ତରଫରୁ ଆୟୋଜିତ ଉତ୍ସବରେ ମାନପତ୍ର ଓ ଉତରୀୟ ପ୍ରଦାନ ପୂର୍ବ୍ରକ ସମ୍ବର୍ଦ୍ଧିତ କରାଯାଇଛି । ସେ ଜଣେ ସଫଳ ସ୍ରଷ୍ଟା, ତାଙ୍କର କରଣି ମୂନରେ ଅନେକ ଶିଳା ଉତ୍କଳୀୟ କିର୍ତି ବହନ କରୁଥିବା ଅତିଥି ମାନେ ପ୍ରକାଶ କରିଛନ୍ତି । ସେ ବାଲ୍ୟ ସମୟରୁ ମନ୍ଦିର ଶିଳ୍ପୀ ଭାବେ ନିଜକୁ ପ୍ରସ୍ତୁତ କରିଥିବା ବେଖେ ତାଙ୍କ ନିର୍ଦ୍ଦେଶରେ ଶତାଧିକ ମନ୍ଦିର ନିର୍ମାଣ ହୋଇଛି । ଏହି ସଭାରେ ହୋଟେଲ ଶିଳ୍ପର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ନାଥ ମହାଲିକ, ସାମାଜିକ କର୍ମି ଡ.ରବିନ୍ଦ୍ର ନାଥ ପରିଡାଙ୍କ ସମେତ କର୍ମକର୍ତା ଉପସ୍ଥିତ ଥିଲେ ।

# ରାଜ୍ୟ ଟିକା ଭଣ୍ଡାର ଦେଶର ପ୍ରଥମ ଟିକା ଭଣ୍ଡାର ଭାବେ ପାଇଲା ଆଇଏସ୍ଓ ସାର୍ଟିଫିକେଟ୍

ଭୁବନେଶ୍ୱର, (ଭିଓଭି): ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ ଅଧୀନରେ ଟିକାର ଗୁଣବତ୍ତା ସମ୍ପୂର୍ଣ୍ଣ ପରିଚାଳନା ପାଇଁ ରାଜ୍ୟ ଟିକା ଭଣ୍ଡାର ଦେଶର ପ୍ରଥମ ଟିକା ଭଣ୍ଡାର ଭାବେ ଆଇଏସଓ ୯୦୦୦୧-୨୦୧୫ ସାର୍ଟିଫିକେଟ୍ ପାଇଛି । ଟିକାର ଉପଯୁକ୍ତ ସଂରକ୍ଷଣ, କୋଲ୍ଡ ଚେନ୍ ପରିଚାଳନା, ଯୋଗାଣ ଶୃଙ୍ଖଳ ପରିଚାଳନା, ଅନ୍‌ଲାଇନ୍ ସଫ୍ଟୱେର ଜରିଆରେ କମ୍ପ୍ୟୁଟରୀକୃତ ରେକର୍ଡ, ପ୍ରତ୍ୟହ ଦୁଇଥର ତାପମାତ୍ରା ପରୀକ୍ଷା ଦ୍ୱାରା ଟିକାର ମାନ ବଜାୟ ରଖିବା ଓ ଶୂନ୍ୟ ଅପଚୟ ପରି ମାନକଗୁଡ଼ିକ ପାଇଁ ରାଜ୍ୟ ଟିକା ଭଣ୍ଡାରକୁ ଏହି ପ୍ରମାଣପତ୍ର ମିଳିଛି । ସଠିକ କୋଲ୍ଡ ଚେନ୍ ବ୍ୟବସ୍ଥା ଏବଂ ଟିକାର ଉପଯୁକ୍ତ ପରିବହନ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ହିତାଧିକାରୀଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଅନୁମୋଦିତ ତାପମାତ୍ରାରେ ଟିକାକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶାରେ ରାଜ୍ୟ ଟିକା ଭଣ୍ଡାର, ୯ଟି ଆଞ୍ଚଳିକ ଏବଂ ୩୨ଟି ଜିଲ୍ଲା ଟିକା ଭଣ୍ଡାର ସମେତ ୧୨୬୩ଟି କୋଲ୍ଡ ଚେନ୍ କେନ୍ଦ୍ର ରହିଛି । ସମସ୍ତ ଟିକାର ଦୈନନ୍ଦିନ ଯୋଗାଣ ଶୃଙ୍ଖଳ ଓ ଗୁଣବତ୍ତାର ପରିଚାଳନା ପାଇଁ ସମସ୍ତ ଟୀକା ଭଣ୍ଡାରରେ ଉତ୍ତମ ତାଲିମପ୍ରାପ୍ତ କର୍ମଚାରୀ ନିୟୋଜିତ ଅଛନ୍ତି । ପ୍ରତିବର୍ଷ



୯.୪ ଲକ୍ଷ ଗର୍ଭବତୀ ମହିଳା, ୭.୯ ଲକ୍ଷ ନବଜାତ ଓ ୨୮ ଲକ୍ଷ କିଶୋର-କିଶୋରୀଙ୍କ ଟିକାକରଣ ଲକ୍ଷ୍ୟ ପୂରଣ ପାଇଁ ଟିକା ଭଣ୍ଡାରଗୁଡ଼ିକ ୨.୩୬ କୋଟି ଟିକାର ଉପଯୁକ୍ତ ସଂରକ୍ଷଣ ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହାକୁ ସୁରକ୍ଷିତ ଭାବେ ପହଞ୍ଚାଇବା ପାଇଁ ଯତ୍ନବାନ ରହିଛି । ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟର ୭ଟି ଆଞ୍ଚଳିକ ଏବଂ ୨୨ଟି ଜିଲ୍ଲା ଟିକା ଭଣ୍ଡାରଆଇଏସଓ ୯୦୦୦୧-୨୦୧୫ ପ୍ରମାଣପତ୍ର ପାଇସାରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି ।

## ରାସାୟନିକ ବିପର୍ଯ୍ୟୟ ଉପରେ
# ରାଜ୍ୟସ୍ତରୀୟ ମକ୍ ଡ୍ରିଲ୍ ପାଇଁ ଓଡ଼ିଶା ପ୍ରସ୍ତୁତ

ଭୁବନେଶ୍ୱର(ଭିଓଭି): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସଡିଏମଏ), ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ସହଯୋଗରେ, ରାସାୟନିକ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ରାଜ୍ୟସ୍ତରୀୟ ମକ୍ ଡ୍ରିଲ୍ ଆୟୋଜନ କରିବ। ଏହି ମକ୍ ଡ୍ରିଲ୍‌ରେ ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ରାୟଗଡା, ଝାରସୁଗୁଡା, ସୁନ୍ଦରଗଡ, ବଲାଙ୍ଗୀର, ଏବଂ ସମ୍ବଲପୁର ସମେତ ୧୬ଟି ଜିଲ୍ଲାର ୨୪ଟି ଶିଳ୍ପ ୟୁନିଟ୍ ସାମିଲ ହେବେ। ଏହି ମକ୍ ଡ୍ରିଲ୍‌ର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ରାସାୟନିକ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ପ୍ରଣାଳିକୁ ବୃଦ୍ଧି କରିବା। ଏହାର ଲକ୍ଷ୍ୟ ଶିଳ୍ପ, ସରକାରୀ ଏଜେନ୍ସି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳ ସମେତ ପ୍ରମୁଖ ଅଂଶୀଦାରମାନଙ୍କ ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟ ସୁନିଶ୍ଚିତ କରିବା। ଏଥିରେ ଦ୍ରୁତ ସତର୍କତା ପ୍ରଣାଳୀ, ସ୍ଥାନାନ୍ତର ପ୍ରକ୍ରିୟା ଏବଂ କ୍ଷେତ୍ରସ୍ତରୀୟ ଜରୁରୀକାଳୀନ ପରିଚାଳନା ରଣନୀତି ଉପରେ ଧ୍ୟାନ ଦିଆଯିବ। ବିପର୍ଯ୍ୟୟ ପ୍ରତିକ୍ରିୟା ପ୍ରୟାସକୁ ସୁଗମ କରିବା ପାଇଁ ଅଂଶଗ୍ରହଣକାରୀମାନେ ଏକ ମାନକ କାର୍ଯ୍ୟ ପ୍ରଣାଳୀ (ଏସଓପି) ଚୂଡ଼ାନ୍ତ କରିଥିଲେ। ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ଏବଂ ଓଏସଡିଏମଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ମକ୍ ଡ୍ରିଲ୍ ଆୟୋଜିତ ହେଉଛି। ଅବସରପ୍ରାପ୍ତ କମାଣ୍ଡାଣ୍ଟ ଆଦିତ୍ୟ କୁମାର ଅଧିବେଶନକୁ ପରିଚାଳନା କରିଥିଲେ, ଯେତେବେଳେ ଏନଡିଏମଏ ସଦସ୍ୟ ଲେଫ୍ଟନାଣ୍ଟ ଜେନେରାଲ ସୟଦ ଆତା ହାସନୈନ (ଅବସରପ୍ରାପ୍ତ) ମଡେରେଟର ଭାବରେ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ।ଏହି ପ୍ରୟାସରେ ଏନଡିଆରଏଫ, ଭାରତୀୟ ସେନା, ଭାରତୀୟ ବାୟୁସେନା, ଭାରତୀୟ ନୌସେନା, ସିଆଇଏସଏଫ, ଅଗ୍ନିଶମ ସେବା, ଜରୁରୀକାଳୀନ ପ୍ରତିକ୍ରିୟା ସେବା, ଓଡ଼ାଆରଏଏଫ, ନାଗରିକ ପ୍ରତିରକ୍ଷା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ପୁଲିସ, ରାଜ୍ୟ ଫୋରେନସିକ୍ ବିଜ୍ଞାନ ପରୀକ୍ଷାଗାର, ଏସଆରସି ଏବଂ ଓଡ଼ିଶା ମେରିଟାଇମ୍ ସମେତ ବିଭିନ୍ନ ସଂଗଠନ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

# କେବେ ପରିବର୍ତ୍ତନ ହେବ ଦାଦନ ସମସ୍ୟା

ଧର୍ମଗଡ଼ (ଭିଓଭି): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ରେ ଅଧିକାଂଶ ଗାଆଁ ମାନଙ୍କରେ କାମଧନ୍ଦା ଅଭାବ ଯୋଗୁ ଦାଦନ ଯାଉଥିବା ଦେଖିବାକୁ ମିଳୁଛି । ଗାଆଁ ମାନଙ୍କରେ ଧାନ କଟା ସାରିବା ପରେ ଲୋକମାନଙ୍କୁ ଆଉ ଗାଁ ରେ ମିଳୁନି କାମଧନ୍ଦା। ଯାହା ଫଳରେ ବାଧ ହୋଇ ପରିବାର ପ୍ରତିପୋଷଣ ପାଇଁ ଯାଉଛି ବାହାର ରାଜ୍ୟକୁ ଦାଦନ । ସ୍ୱାଧୀନତା ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ଶାସକ ଆସିଲେଣି ଗଲେଣି। କିନ୍ତୁ ଏହି ସମସ୍ୟାର ନିରାକରଣ ହୋଇପାରୁନାହିଁ। ନିଜେ ନିଜକୁ ଶାସନ କରିବାର ଆଜି ସାତ ଦଶନ୍ଧି ବିତିସାରିଛି ଏବଂ



ଏପରିକି ସ୍ୱତନ୍ତ୍ର ଓଡ଼ିଶା ଗଠନର ଆଉ ଗୋଟାଏ ଦଶନ୍ଧି ପରେ ଶତବାର୍ଷିକୀ ପାଳନ କରିବାକୁ ଯାଉଛି। କିନ୍ତୁ ନିଜ ଅଞ୍ଚଳରେ ଆଶାନୁରୂପ ରୋଜଗାର ସୁଯୋଗ ସୃଷ୍ଟି କରିବାରେ ଶାସନ ବ୍ୟବସ୍ଥା ସଫଳ ହୋଇପାରିନାହିଁ। ଯାହାଫଳରେ ଜନସାଧାରଣ ରୋଜଗାର ଅନ୍ୱେଷଣରେ ଦେଶାନ୍ତରିତ ହେବାକୁ ବାଧ ହେଉଛନ୍ତି। ପ୍ରତ୍ୟେକ ଜିଲ୍ଲାର ଭୌଗୋଳିକ ଅବସ୍ଥିତିକୁ ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହେବ। କ'ଣ ସବୁ କରାଯାଇ ପାରିଲେ ଜନସାଧାରଣଙ୍କୁ ନିଜ ଅଞ୍ଚଳରେ ତଥା ନିଜ ଗାଁରେ, ଜିଲ୍ଲାରେ କର୍ମସଂସ୍ଥାନ ଯୋଗାଇ ଦିଆଯାଇପାରିବ ତାକୁ ବୁଝିବାକୁ ହେବ। କଳାହାଣ୍ଡି ଜିଲ୍ଲାରେ ଭରି ରହିଛି କୃଷି ସମ୍ପଦ, ଜଳ ସମ୍ପଦ ଖଣିଜ ସମ୍ପଦ ଓ ପର୍ଯ୍ୟଟନ ସମ୍ପଦ। କିନ୍ତୁ ଏଦିଗରେ ସରକାର ଯେତିକି ଧ୍ୟାନ ଦେବା କଥା ତାହା ହୋଇପାରିନାହିଁ। ଯଦ୍ୱାରା ଜନସାଧାରଣଙ୍କୁ ରୋଜଗାର ମିଳିପାରୁନାହିଁ। ଏବେ ସମୟ ଆସିଛି ଏଠାକାର ଜଳ ସମ୍ପଦ ଓ ପର୍ଯ୍ୟଟନ ସମ୍ପଦ ଉପରେ ଗୁରୁତ୍ୱ ପ୍ରଦାନ କରିବାର। ଜିଲ୍ଲାରେ ପ୍ରବାହିତ ନଦୀଗୁଡ଼ିକରେ ଛୋଟ ଛୋଟ ଆନିକଟ କରାଯାଇ ତଦନୁଯାୟୀ କୃଷିକୁ ପ୍ରୋତ୍ସାହନ ଦିଆଗଲେ କୃଷି ଓ କୃଷକ ଲାଭବାନ ହେବେ। ଏହାଦ୍ୱାରା ଛୋଟ ଛୋଟ କୁଟୀର ଶିଳ୍ପ ପ୍ରତିଷ୍ଠା ସମ୍ଭାବନା ମଧ୍ୟ ରହିବ। ବାହାର ଉଦ୍ୟୋଗପତିମାନେ ଜିଲ୍ଲାରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିବେ। ଯ'ଦ୍ୱାରା ଲୋକମାନଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଏହାଦ୍ୱାରା ଦାଦନ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ ବୋଲି ଆଶା କରାଯାଇ ପାରେ ।

## ଅପେକ୍ଷାରେ ଜିଲ୍ଲା ବାସୀ : କେବେ ମିଳିବ ପର୍ଯ୍ୟଟନସ୍ଥଳୀର ମାନ୍ୟତା

ଦଶରଥପୁର, (ଭିଓଭି): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧୀନସ୍ଥ ଦଉପୁର ପଞ୍ଚାୟତର ଦଉପୁର ଗ୍ରାମ। ପୂର୍ଣ୍ଣତୋୟା ବୈତରଣୀ ନଦୀ କୂଳ ରେ ଗ୍ରାମଟି



ଅବସ୍ଥିତ। ମନ୍ଦିରମାଳିନୀ ଏହି ଗ୍ରାମ ଟି ମହାପ୍ରଭୁ ଜଗନ୍ନାଥ ଙ୍କ ପରମ ଭକ୍ତ ବନ୍ଧୁ ମହାନ୍ତି ଙ୍କର ଜନ୍ମ ଭୂମି ବୋଲି ପଦ୍ମାବତୀ ଶୋକ,ଅତୁଲ୍ୟ ଶ୍ରୀ ଜଗନ୍ନାଥ ପୁସ୍ତକ,ମନ୍ଦିର ମାଳିନୀ ବିରଜା କ୍ଷେତ୍ର ପୁସ୍ତକ,ଚେତାବନୀ ପୁସ୍ତକରେ ଉଲ୍ଲେଖ ଥିବାବେଳେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ପ୍ରକାଶ ପରେ ପବିତ୍ର ମାଟି ଦଉପୁର ଗ୍ରାମକୁ ଗବେଷକ, ଲେଖକ, କବି, ନାଟ୍ୟକାର, ବରିଷ୍ଠ ରାଜନୈତିକ ନେତାଙ୍କର ସୁଅ ଛୁଟିଥିଲା।ବିଂଝାର ପୁର ନିର୍ବାଚନ ମଣ୍ଡଳୀର ବିଧାୟିକା ତଥା ପୂର୍ବତନ ବାଚସ୍ପତି ଓଡିଶା ଶ୍ରୀମତୀ ପ୍ରମିଳା ମଲ୍ଲିକ ଏହି ପବିତ୍ର ମାଟି ଦଉପୁର ଗ୍ରାମ ଉପରେ ଗୁରୁତ୍ୱ ଦେଇ ଏହା ପର୍ଯ୍ୟଟନ ସ୍ଥଳିର ମାନ୍ୟତା ଦେବାପାଇଁ ଓଡିଆ ସାହିତ୍ୟ ଓ ଭାଷା ସଂସ୍କୃତି ବିଭାଗକୁ ସୁପାରିସି କରିଥିଲେ।ଏହି ଗ୍ରାମରେ ଥିବା ପଡିଆ ଠାରେ ବନ୍ଧୁମହାନ୍ତି ଙ୍କର ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଥିଲା। କିନ୍ତୁ ପରୀତାପର ବିଷୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ଗ୍ରାମର ଗୋପୀନାଥ ମନ୍ଦିର ନିକଟରେ ଥିବା ରାସ୍ତା ର ଅବସ୍ଥା ଅତ୍ୟନ୍ତ ସୋଚନୀୟ ହୋଇ ପଡିଥିବାବେଳେ ଏହି ରାସ୍ତା ମରାମତି ନହେବା ଏବଂ ମନ୍ଦିରକୁ ଆସୁଥିବା ଜିଲ୍ଲା ତଥା ଜିଲ୍ଲା ବାହାରୁ ସହ ସହ ସଂଖ୍ୟା ର ଭକ୍ତ ମାନଙ୍କ ନିମନ୍ତେ ପ୍ରସାଦ ସେବନ ପାଇଁ ଆନନ୍ଦ ବଜାର ଓ ପ୍ରାର୍ଥନା ଗୃହ ନିର୍ମାଣନହେବା, ପାନୀୟ ଜଳ ସମସ୍ୟା, ଶୌଚାଳୟ ନିର୍ମାଣନହେବା, ପର୍ଯ୍ୟଟନ ସ୍ଥଳି ର ମାନ୍ୟତାନପାଇବା, ବନ୍ଧୁ ମହାନ୍ତିଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ନହେବା ଆଦି ଜନସାଧାରଣଙ୍କ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ସୁଧା ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ମୁଖ୍ୟମନ୍ତ୍ରୀ ଓଡିଶା ମୋହନ ଚରଣ ମାଝୀ ଏଥିପ୍ରତି ଦୃଷ୍ଟି ଦେଇ ଏହାକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ଦେବା ପାଇଁ ଜିଲ୍ଲାବାସୀ ନିବେଦନ କରିଛନ୍ତି।

## ମହୁଲ ବଜାର ଉପରେ ଗୁରୁତ୍ୱ ଦିଆଯିବାକୁ ଦାବୀ


ବଲାଙ୍ଗିର (ଭିଓଭି): ମୁଖ୍ୟତଃ ଦେଶି ମଦ ପ୍ରସ୍ତୁତ କରିବା ପାଇଁ ମହୁଲ ଆବଶ୍ୟକ ହୋଇଥାଏ । ଏହାର ଉପଲବ୍ଧ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଅଧିକ। ବିଶେଷତଃ ଓଡ଼ିଶାର ପଶ୍ଚିମାଞ୍ଚଳ ଏବଂ ଛତିଶଗଡ଼ – ଓଡ଼ିଶା ସିମାବର୍ତ୍ତି ଅଞ୍ଚଳର ଜଙ୍ଗଲରୁ ଏବଂ ଚାଷୀ ମାନଙ୍କ କ୍ଷେତ ବାଡ଼ି ପତ୍ରା ଜଙ୍ଗଲରେ ଥିବା ମହୁଲ ଗଛରୁ ଏହା ସଂଗୃହୀତ ହୋଇଥାଏ। ଏହାର ନିୟନ୍ତ୍ରଣ ସକାଶେ ବନବିଭାଗ କେବଳ ଦାୟିତ୍ୱ ତୁଲାଇଥାଏ। ହେଲେ ଅସୁଧୁ କାରବାର ଏପରି ଚାଳେ ଯେ ଏହାରି ଉପରେ ସରକାରଙ୍କ କିଛି ନିୟନ୍ତ୍ରଣ ଥିବା ଭଳି ଜଣାପଡୁନାହିଁ । ମହୁଲ ସଂଗ୍ରହକାରୀ ପାଇଁ ବଜାର ବ୍ୟବସ୍ଥା ନାହିଁ। ବେପାରୀ ମାନଙ୍କ ଜରିଆରେ ଏସବୁ ସଂଗୃହିତ ହେଉଥିବା ଯୋଗୁଁ ସେମାନଙ୍କ ମର୍ଜି ଦରରେ ମହୁଲ ସଂଗ୍ରହକାରୀ ଦୈନିକ ମଜୁରୀ ସୁଦ୍ଧା ପାଇନଥାଏ । ପଶ୍ଚିମ ଓଡ଼ିଶାରୁ ମହୁଲ ସବୁ ପଡୋଶୀ ଛତିଶଗଡ, ଝାରଖଣ୍ଡ ଓ ବିହାର ରାଜ୍ୟ କୁ ଚାଲାଣ କରି ବେପାରୀ ବେପାରୀ ବେଶ୍ ଲାଭବାନ ହୁଏ । ଓଡ଼ିଶା ସରକାର କେବଳ ରପ୍ତାନି ଶୁଳ୍କ ବାବଦରେ ୧୦୦ ଟଙ୍କା ଆଦାୟ କରନ୍ତି। କିନ୍ତୁ ଅଧିକାଂଶ ଚୋରା ଚାଲାଣ ଯୋଗୁଁ ସରକାର ଯେତିକି ରାଜସ୍ୱ ପାଇବା କଥା ପାଉନାହାନ୍ତି। କାରଣ ବିନା ପରମିଟରେ ଏସବୁ ଚାଲାଣ ହେଉଛି। ମହୁଲ ମୂଖ୍ୟତଃ ବଣ ଜଙ୍ଗଲ ରୁ ଆଦିବାସୀ ମାନେ ମହୁଲ ସଂଗ୍ରହ



କରି ଜୀବିକା ନିର୍ବାହ କରିଥାନ୍ତି। ଖୁଚୁରା ବେପାରୀମାନେ ସେମାନଙ୍କଠାରୁ ୩୦/୪୦ ଟଙ୍କାରେ କିଣନ୍ତି। ସେମାନେ ବଡ଼ ବେପାରୀ ମାନଙ୍କୁ କେଜି ପିଛା ୧୦୦/୧୫୦ ଟଙ୍କା ଦରରେ ବିକ୍ରୀ କରନ୍ତି। ଅର୍ଥାତ ମଧ୍ୟସ୍ଥି ଓ ଭାଟିବାଲା ଅଧିକ ଲାଭବାନ ହୁଅନ୍ତି। ମହୁଲ ସଂଗ୍ରହକାରୀ ଯଦି ଉଚିତ ଦର ପାଆନ୍ତେ ତେବେ ସେମାନଙ୍କ ଆର୍ଥିକ ସ୍ଥିତି ଦୃଢ଼ ହୋଇପାରନ୍ତା। ଏଦିଗରେ ଗୁରୁତ୍ୱ ଦିଆଯିବ ଆବଶ୍ୟକତା ରହିଛି ବୋଲି ଦାବୀ ହେଉଛି। ଆର.ଏସ.ସିକୁ ଏଥିପାଇଁ ନିୟୋଜିତ କରାଯାଇପାରିବ। ସରକାର ମହୁଲର ସହାୟକ ମୂଲ୍ୟ ଘୋଷଣା କରି ଆର.ଏସ.ସି ଜରିଆରେ ରେଜିଷ୍ଟ୍ରେଡ୍ ଫାର୍ମ ଦ୍ୱାରା କ୍ରୟ ବ୍ୟବସ୍ଥା ତଥା ପରମିଟ ଦ୍ୱାରା ହିଁ ବାହାର ରାଜ୍ୟକୁ ରପ୍ତାନୀର କଡକଡା ବ୍ୟବସ୍ଥା କରାଇ ପାରିବ। ଏହାଦ୍ୱାରା ମହୁଲ ଚୋରା କାରବାରକୁ ନିୟନ୍ତ୍ରିଣ କରାଯାଇ ସରକାରୀ ଖଜଣା ସଂଗ୍ରହ ହୋଇପାରିବା ସହ ଆଦିବାସୀ, ଗରିବ, ଖଟିଖିଆ, ଦିନ ମଜୁରିଆ ଭଲ ଦର ପାଇଁ ବେଶ ଉପକୃତ ହୋଇପାରିବେ ବୋଲି ସାଧାରଣ ରେ ଦାବୀ ହେଉଛି।

## କଳିଙ୍ଗ ନଗର ରାସ୍ତା ଏବେ ମରଣା ଯନ୍ତା, ସାଧାରଣ ଯାତ୍ରୀ ହିନସ୍ତା

କଳିଙ୍ଗନଗର, (ଭିଓଭି): ମରଣଯନ୍ତା ପାଲିଟିଛି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ୱପ୍ନର କଳିଙ୍ଗ ନଗର । ପ୍ରତ୍ୟେକ ଦିନ କିଛି ନା କିଛ ଦୁର୍ଘଟଣା ଘଟୁଛି। ଏହି ଅଞ୍ଚଳରେ ଟ୍ରାଫିକ ସମସ୍ୟା ନଥିବା ହେତୁ ବହୁ କ୍ଷତି ହେଉଛି। କେବଳ ଏଠାରେ ଟ୍ରାଫିକ ଆସନ୍ତି ଜୋରିମାନ ଆଦାୟ କରିବାରେ ଏହି ଅଞ୍ଚଳରେ ନିୟୋଜିତ ରହିଥାନ୍ତି କିନ୍ତୁ ବଡ଼ ଗାଡି ପାଇଁ କିଛି ବି ପଡେପକ୍ଷ ନେଉଥିବା ସାଧାରଣ ଲୋକ ଚର୍ଚ୍ଚା ହୁଏ। ହଜାର ହଜାର ପଥଚାରିଙ୍କ ପାଇଁ ଲମ୍ବି ଯାଇଥିବା ରାଜପଥ ଏବେ ଶିଳ୍ପ ଉଦ୍ୟଗିଙ୍କ କବଜାରେ, କଳିଙ୍ଗ ନଗରରୁ ଲାଭବାନ ହୋଇ କିନ୍ତୁ ରାସ୍ତା ସେହିଭଳି ଭାବରେ ଉନ୍ନୟତି ହୋଇନାହଁ। କଳିଙ୍ଗ ନଗର ହେଉଛି ଏସିଆ ମହାଦେଶ ଶିଳ୍ପ ରାଜଧାନୀ। ଏଠାକୁ ବହୁ ସଂଖ୍ୟକ ଶ୍ରମିକ କାର୍ଯ୍ୟ କରିବାକୁ କାରଖାନା ଆସିଥାନ୍ତି।ସଖାଳ ଓ ସନ୍ଧ୍ୟା ହେଲେ ଅନେକ ଗାଡି ଯାତାୟାତ କରିଥାନ୍ତି କିନ୍ତୁ ଏହା ମଧ୍ୟରେ କଳିଙ୍ଗ ନଗରରେ ବିଭିନ୍ନ କାରଖାନା ବସଙ୍କ କଥା ନ କହିବା ଭଲ। ବିଭିନ୍ନ କାରଖାନା ଡୁବୁରୀରୁ ଯାଜପୁର ରୋଡ଼ ଓ ମିଲିଟାରୀ ଛକରୁ ବଙ୍ଗଳା ଛକ ପର୍ଯ୍ୟନ୍ତ ବହୁ କର୍ମଚାରୀ ଓ ଶ୍ରମିକ ଯାତାୟାତ କରିଥାନ୍ତି । କାରଖାନା ବସର ଡ୍ରାଇଭର ସବୁ ଗାଡ଼ି ବହୁ ବେଗରେ ଚଲାଉଥିବା ବେଳେ ଜନସାଧାରଣ ଅସ୍ତବ୍ୟସ୍ତ।କଳିଙ୍ଗ ନଗରରେ ଟ୍ରାଫିକ ସମସ୍ୟା, ରାସ୍ତା ସମସ୍ୟା ହୋଇଥିବାରୁ ସନ୍ଧ୍ୟା ଓ ସଖାଳେ ହେଲେ ରାସ୍ତା ଜାମ ସହିତ କଳିଙ୍ଗ ନଗରବାସୀ ଦୁର୍ଘଟଣା ଶିକାର ହୋଇଥାନ୍ତି। ଏହି ସମୟରେ କର୍ମଚାରୀ ଓ ଶ୍ରମିକ ଶୀଘ୍ର ପହଁଚେଇବା ପାଇଁ ଗାଡି ଦ୍ରୁତ ଗତିରେ ଚାଲାନ୍ତି।କମ୍ପାନୀ ବସ ମାଲିକାନାରେ, କଳିଙ୍ଗନଗର ରାଜରାସ୍ତା ଜନଜୀବନ ଅସ୍ତ ବ୍ୟସ୍ତ, କମ୍ପାନୀ ବସ କବଜାରେ ରାଜପଥ, ଜନଜୀବନ ଆକଚ୍, ମାକ



ଚା'। ବିଦେଶୀ ପୁଞ୍ଜି ନିବେଶକାରୀ କମ୍ପାନୀମାନେ ଏବେ ଓଡ଼ିଶା ମୁହାଁ। ନିଜ ପୁଞ୍ଜିକୁ ଦ୍ୱିଗୁଣିତ କରିବା ପାଇଁ ଉଦ୍ୟଗୀମାନେ ନିଜ ନିଜର ପ୍ରୟାସ ଜାରି ରଖିଥିବାବେଳେ ସୁନାର ସୁକିନ୍ଦାକୁ ଅଣଦେଖା କରିବାର ଲାଗିଥିବା ମନେ ହୁଏ। ତଥ୍ୟ କହୁଛି ଶିଳ୍ପ ନଗରୀ କଳିଙ୍ଗ ନଗରକୁ ୨୦୩୦ମସିହା ସୁଦ୍ଧା ଦ୍ୱିତୀୟ ମୁମ୍ବାଇ ସହର ଏକ ନମ୍ବର ମାନ୍ୟତା ଦେବେ ବୋଲି କାରଖାନା ମାନେ ଡିଣ୍ଡିମ ପିଟୁଥିବା ବେଳେ, କଳିଙ୍ଗନଗର ରାଜପଥକୁ ଦେଖିଲେ, ସେମାନଙ୍କ ପ୍ରତିଶ୍ରୁତି ଏବଂ କାର୍ଯ୍ୟକାରୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କଳିଙ୍ଗ ନଗରରେ ରାସ୍ତାର ଭିତ୍ତିଭୂମି ଠିକସେ ନଥିବାରୁ ଯଥା ଦାନଗଦି ଛକ, ମାନପୁର ବ୍ରିଜ, ମିଲିଟାରୀ ଛକ, ତେଲେବାହାଳି ଛକ, ରବଣା ଛକ, ଡୁବୁରୀ ଛକ ଏସବୁ ଛକରେ ଜାମ ପରିଲକ୍ଷିତ ହୁଏ। ଏହା ମଧ୍ୟରେ କାରଖାନା ମାନଙ୍କୁ ଆସୁଥିବା ବଡ଼ ଟ୍ରଲର, ହାଇବ ଆହୁରି ରାସ୍ତା ଜାମ କରିଥାଏ।ଟ୍ରାଫିକ ବ୍ୟବସ୍ଥା ନଥିବାରୁ ଡ୍ରାଇଭର ମାନଙ୍କର ମନ ମାନି ବଢ଼ିଯାଇଥାଏ। ପ୍ରଶାସନ ପକ୍ଷରୁ ଏତି ପ୍ରିତି ଦୃଷ୍ଟି ଦେଇ ଯଥାଶୀଘ୍ର ସମାଧାନ ନିମନ୍ତେ ଜନ ସାଧାରଣ ପକ୍ଷରୁ ଚର୍ଚ୍ଚା ହେଉଛି।

## ରାଇକିଆ ବ୍ଲକରେ ଫେଲ ମାରିଛି ବସୁଧା ଯୋଜନା

ବାଲିଗୁଡା (ଭିଓଭି): ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି ରାଜ୍ୟ ସରକାରଙ୍କ ବସୁଧା ଯୋଜନା। କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ସୁଗଡ଼ବାଡି ପଞ୍ଚାୟତର ଲଡେଡି ଗ୍ରାମରେ ଆଜିବି ଲୋକେ ଚୁଆଁ ପାଣି ଉପରେ ନିର୍ଭର କରୁଛନ୍ତି। ଏହି ଗ୍ରାମରେ ପାଖାପାଖି ୭୪ ପରିବାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ପୂର୍ବ ରାଜ୍ୟ ସରକାର ଗ୍ରାମୀଣ ଲୋକଙ୍କ ପାନୀୟ ଜଳର



ସୁବିଧା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରି ବସୁଧା ଯୋଜନା କରିଥିଲେ। ଏହି ଯୋଜନା ମଧ୍ୟ ଲଡେଡି ଗ୍ରାମରେ କାର୍ଯ୍ୟକାରୀ କରାଯାଇ ନିର୍ମାଣ ହେଲା ବସୁଧା ଯୋଜନାରେ ପାଣି ଟାଙ୍କି, କୂଅ ପୁଣି ଘରକୁ ଘର ସଂଯୋଗ କରାଗଲା ନଳା , ଟ୍ୟାପ। ହେଲେ ନିର୍ମାଣ ହୋଇ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଟ୍ୟାପ ରେ ଆଜି ପର୍ଯ୍ୟନ୍ତ ଆସିପାରିଲାନି ଟୋପାଏ ପାଣି। ଏ ସମ୍ପର୍କରେ ସ୍ଥାନୀୟପ୍ରଶାସନ କୁ ଅନେକ ଥର ଅଭିଯୋଗ କଲେ ମଧ୍ୟ ଫଳ ଶୂନ। ଗ୍ରାମବାସୀ ପୁନର୍ବାର ସ୍ଥାନୀୟ ପ୍ରଶାସନକୁ ନିବେଦନ କରିଛନ୍ତି ସେମାନଙ୍କ ନିମନ୍ତେ ହୋଇଥିବା ବସୁଧା ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ।

# National Education Policy (NEP) : A Transformative Vision for India's Education System

The National Education Policy (NEP) , launched by the Government of India, is a milestone in reforming the country's education system. It is crafted to fulfill the expectations of the 21st century and transform education into a holistic, flexible, multidisciplinary, and globally aligned process without compromising India's rich heritage and values. NEP brings in several path-breaking reforms in school education, higher education, teacher education, digital learning, and preservation of culture.

Among the most significant developments in school education is the introduction of the new 5+3+3+4 framework, which replaces the old 10+2 system. This new framework encompasses ages 3-18 and incorporates early childhood care and education (ECCE) into general schooling. The policy also gives high importance to foundational literacy and numeracy, so that every student masters basic reading, writing, and arithmetic by Grade 3. To make learning more meaningful and interesting, NEP lightens the curriculum load, changes the emphasis to critical thinking, creativity, and experiential learning, and introduces flexible subject combinations, enabling students to pursue a range of academic and vocational interests without hard separations. Also, it focuses on multilingual education with the promotion of mother tongue or home language as the medium of instruction through Grade 5 but with the push for students to learn several languages.

At higher education levels, NEP looks towards a multidisciplinary environment where students get to combine courses across disciplines like arts, science, and vocational studies. Undergraduate degrees will be on a flexible framework with several exit routes—students can exit after one year with a certificate, two years with a diploma, three years with a bachelor's degree, and four years with a research specialization. The establishment of an Academic Bank of Credits (ABC) allows students to bank and transfer credits between institutions, being more flexible. In addition, the policy fortifies the research ecosystem by creating the National Research Foundation (NRF), which will boost research opportunities in universities.

Teachers form the backbone of the education system, and NEP targets empowering teachers by providing intense teacher training programs. The policy requires a four-year integrated B.Ed. degree as the minimum for fresh recruits and also offers courses for ongoing professional development to keep educators up to date on the most recent advancements in pedagogy. The recruitment process too will become more transparent, with merit-based Teacher Eligibility Tests (TETs) allowing only the best candidates to join the profession.

The policy also incorporates technology and digital learning to bridge educational divides and enhance access to quality education. Platforms such as SWAYAM, DIKSHA, and eVidya will be extended to cater to online learning in order to make education more accessible, particularly to students in far-off areas. Coding and artificial intelligence (AI) will also be integrated into the curriculum to equip students for future technological developments. Special focus will be given so that all students, including those belonging to marginalized groups, have equal access to digital education.

In addition to modernizing education, NEP aims to preserve and promote Indian culture and values. It encourages the study of Indian Knowledge Systems, including yoga, Sanskrit, Vedic mathematics, and traditional sciences. The policy also strengthens regional languages by promoting classical languages such as Tamil, Telugu, Kannada, Odia, and Pali and incorporating India's rich artistic and cultural heritage into the curriculum.



**Dr Subhramaya Nayak**
Assistant Professor,
Centurion University of Technology and Management
subhramaya@gmail.com
Mob - +91 70089 98090

The effective roll-out of NEP will involve cooperation between the central and state governments, schools and higher education institutions, and stakeholders. With a strong focus on equity, inclusion, and innovation, the policy aims at universal access to quality education by 2040, making India a global knowledge superpower. NEP is not merely a reform; it is a visionary move towards an independent, educated, and empowered India.

# National Science Day: Celebrating Scientific Spirit and Innovation

**Introduction**

National Science Day is celebrated in India on 28th February each year to honor the discovery of the Raman Effect by the eminent Indian physicist Dr. C.V. Raman in 1928. This breakthrough in the field of physics earned him the Nobel Prize in 1930, making him the first Indian to receive a Nobel Prize in Science. The day serves as a platform to recognize the contributions of scientists and promote a culture of scientific inquiry among students and researchers.

This year, the theme for National Science Day 2025 is "Empowering Indian Youth for Global Leadership in Science and Innovation for Viksit Bharat". This theme emphasizes the importance of equipping young Indians with the skills and opportunities necessary to lead globally in scientific research and technological innovation, contributing to a developed India.

**Significance of National Science Day**

The primary objective of National Science Day is to promote scientific awareness and foster a spirit of innovation in society. It provides an opportunity for educational institutions, research organizations, and scientific communities to engage in activities that inspire young minds toward scientific exploration. The event highlights the role of science in addressing real-world challenges and shaping the future.

Each year, the Government of India announces a theme for National Science Day, emphasizing a specific area of scientific advancement. These themes range from environmental sustainability and biotechnology to space exploration and artificial intelligence, aligning with contemporary global issues.

**Celebrations and Activities**

On this occasion, various schools, colleges, universities, and research institutions across India organize events such as:

- Science exhibitions and fairs showcasing innovations by students and researchers.
- Seminars and lectures by eminent scientists to inspire young minds.




- Debates and quiz competitions to encourage curiosity and critical thinking.
- Workshops and hands-on experiments to make science more engaging.
- Science awareness campaigns to spread the importance of scientific literacy in rural areas.

These activities play a crucial role in nurturing scientific temperament and fostering innovation among the youth.

**The Legacy of Dr. C.V. Raman**

Dr. Chandrasekhara Venkata Raman's discovery of the Raman Effect revolutionized the understanding of light scattering. This phenomenon, which explains how light changes its wavelength when passing through a transparent medium, has had profound applications in spectroscopy, medical diagnostics, and material sciences.

His pioneering work laid the foundation for numerous scientific advancements, and his dedication to research continues to inspire generations of scientists. National Science Day serves as a tribute to his invaluable contributions and a reminder of the importance of scientific exploration.



**Nihar Ranjan Acharya**

**Conclusion**

National Science Day is more than just an annual event; it is a call to action for embracing scientific knowledge, fostering research, and applying technology for the betterment of society. As India progresses toward becoming a global leader in science and technology, it is essential to encourage young minds to pursue careers in STEM (Science, Technology, Engineering, and Mathematics). By celebrating National Science Day, we reaffirm our commitment to scientific progress and innovation, ensuring a brighter and more sustainable future for all.

***Founder and Working Director, Trust***
***Ph. 8249775817***
*Email: niharacharya1973@gmail.com*

# OUR PREAMBLE

The Preamble is the philosophy of our Constitution. Debate will continue about this. At present, in this article, an effort is being made to explain that the first puzzle which the Constitution experts faced was that whether the Preamble is an integral part of the Constitution? From this the interpretation of the philosophy of the Constitution begins. In the Constitutional system, it is the Supreme Court which has to interpret the Constitution from time to time as per need. It is an irony that the Supreme Court itself created confusion regarding the Preamble. In several verdicts of the Supreme Court confusion over the Preamble shows. On one hand, the Hon'ble Supreme Court believes that "The Preamble is the key to the hearts of the Constitution makers. Wherever there is any lack of clarity in the words, to understand the intent of the Constitution makers, help of the Preamble can be taken." But, for a long time the Hon'ble Supreme Court did not accept the Preamble as a part of the Constitution. Hon'ble Justice Gajendra Gadkar had said that the Preamble was not a part of the Constitution. This increased the confusion further.

But some clarity came when the Supreme Court ruled that the Preamble helps in understanding the Fundamental Rights of the citizens and also the Directive principles of the Constitution. More clarity came when most of the Justices of the Supreme Court ruled, with reference to the deliberations of the Constituent Assembly, that the Preamble is a part of the Constitution. Hon'ble Justice S.M. Sikri in his ruling said that "That legislative history of the Constitution's Preamble justified its importance. The Preamble is not only a part of the Constitution, it is rather extremely important. The Constitution should be understood by dividing deeper into the words of the Preamble.

Thus, the Supreme Court clearly said that "That edifice of our Constitution has been built upon the basic fundamental elements as described in the Preamble. If any element out of these is removed the entire edifice will crumble and the Constitution will not remain the same or it will lose its personality and its identity. This brought some clarity about the Preamble. But, a new question has arisen that what are the basic elements of the Constitution? These have remained undefined till now.

The Preamble is the philosophy of the Constitution. To learn and understand it, we must read the Preamble of the original Constitution. It should be absorbed totally. An internationally acclaimed philosopher Akash singh Rathore has written, "The original Preamble has 44 words, if we do not include the declarative and the objectives part of it." The words out of which the philosophy of the Constitution emerges are just six- Justice, Liberty, Equality, Dignity, Nation and Harmony. These words are not just words. All these words acquired a meaning during the freedom meaning during the freedom struggle. It is like a life element in the national aspiration. The Constitution makers used these words to frame the Preamble. By these points, a branch of the fundamental Rights few out of the tree called the Constitution. But, it is also true that the Preamble is meant to be a guide. This is the limit, and its infinite possibility it's also hidden in this limit only. If we consider the Constitution as the highest law of the land then its importance can be understood. The Preamble is in the beginning of the Constitution because "Law has to be interpreted and the Executive and the Judiciary have to be directed to implement the law properly." But, the doors of the court cannot be knocked to acquire it as a right. This came out of a verdict of the Supreme Court.

Does the Preamble include what Mahatma Gandhi wanted? Dr. Durga Das Basu has underlined this specially. He writes that " In the Preamble, what has been established with an effort by combining Equality and Harmony with Political, Social and Economic Democracy, was what Mahatma Gandhi had described as 'The India of my dreams." He quotes one of Gandhi's sayings. It is, "An India where the poorest of the poor will think that this country is theirs and they are also contributing in building this country; an India where all communities will live in harmony; there will be no space in this India for the curse of 'Untouchability' or for intoxicating drinks or narcotics; where men and women will have equal rights." The Constitution expert N A Palkiwala has described the Preamble as the introduction of the Constitution.



Mr. Sarbeswar Behera
ADVOCATE
Mob-9437016384

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

## DECLARATION

**FORM-IV (Rule-8)**

I, GYANA RANJAN MISHRA declare that I am the printer & publisher or printer and publisher of the newspaper entitled VOICE OF VICTIMS to be printed & published at EB24, SAGE V, LAXMISAGAR BRIT COLONY, BHUBANESWAR, ODISHA, 751006 and that particulars in respect of the said newspaper given hereunder are true to the best of my knowledge and belief.

| | |
|---|---|
| 1. Title of Newspaper | : VOICE OF VICTIMS |
| 2. Language in which it is published | : MULTILINGUAL (ODIA, ENGLISH & HINDI) |
| 3. Periodicity of its publication (a) Whether a daily, tri-weekly, bi-weekly, weekly fortnightly, or otherwise (b) In case of News papper other than it is to be published | : WEEKLY |
| 4. Retail selling price | : Rs 5/- |
| 5. Publisher's Name | : **GYANA RANJAN MISHRA** |
| Address | : EB24, SAGE V, LAXMISAGAR BRIT COLONY, BHUBANESWAR, ODISHA, 751006 |
| 6. Nationality | : INDIAN |
| 7. Printer's Name | : **GYANA RANJAN MISHRA** |
| Address | : EB24, SAGE V, LAXMISAGAR BRIT COLONY, BHUBANESWAR, ODISHA, 751006 |
| 8. Name of the Printing press where the newspaper is actually printed and the true and precise description of the premises on which the press(es) are installed. | : M/S BHAGAWATI ELECTRONIC PROCESS, D/3, MANCHESWAR INDUSTRIAL ESTATE, BHUBANESWAR, KHURDHA, ODISHA, 751010 |
| 9. Editor's Name | : **GYANA RANJAN MISHRA** |
| Nationality | : INDIAN |
| Address | : EB24, SAGE V, LAXMISAGAR BRIT COLONY, BHUBANESWAR, ODISHA, 751006 |
| 10. Owner's Name Please state theparitculars of individual or the Firms, Joint stock Company, Trust, Co- operative Society or Association Which Owns the Newspaper | : VOICE OF VICTIMS TRUST EB24, SAGE V, LAXMISAGAR BRIT COLONY, BHUBANESWAR, ODISHA, 751006 |

Place : **Bhubaneswar**
Date : 03.03.2025

Sd/-
GYANA RANJAN MISHRA
Editor & Publisher

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର